୭ ଗୁମୁରା ପ୍ରିମିୟର ଲିଗ୍ ରଜା ବସା ଚାମ୍ପିଅନ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ-୩୨ ● ସଂଖ୍ୟା-୫୧ ● ୨୦ ମାର୍ଚ୍ଚ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-51 ● 20th March 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ପରିବାର

## ପ୍ରକୃତ ଦୋଷୀଙ୍କୁ ଧରାଯାଇ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ

ଭୁବନେଶ୍ୱର, ୧୯।୩
ନ୍ୟୁଜ୍ ବ୍ୟୁରୋ

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟାକାଣ୍ଡ ସମ୍ପର୍କରେ ଉଚିତ ତଦନ୍ତ କରାଯାଇ ପ୍ରକୃତ ଦୋଷୀକୁ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାସଙ୍କ ପରିବାରଙ୍କୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ଚରଣ ମାଝୀ ଏହି ମର୍ମରେ ଭରସା ଦେଇଛନ୍ତି ।

ସ୍ୱର୍ଗତ ଦାସଙ୍କ ପତ୍ନୀ ମୀନତି ଦାସ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କ ହତ୍ୟାକାଣ୍ଡର ତଦନ୍ତ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ତାଙ୍କ କନ୍ୟା ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁତ୍ର ବିଶାଳ ଦାସ ମଧ୍ୟ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେଉଁଭଳି ଭାବେ ଏହି ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ। ଏହି ଘଟଣାରେ ସରକାର ସବୁ ଦିଗକୁ ପୁଣି ଥରେ ତନ୍ନ ତନ୍ନ କରି ପରୀକ୍ଷା କରିବେ ଏବଂ ପ୍ରକୃତ ଦୋଷୀକୁ ଖୋଜି ବାହାର କରିବେ। ଆଇନର ମର୍ଯ୍ୟାଦା ମଧ୍ୟରେ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଭରସା ଦେଇଥିଲେ।

ଶ୍ରୀମତୀ ଦାସଙ୍କୁ ତଦନ୍ତକାରୀ ସଂସ୍ଥାକୁ ସହଯୋଗ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ଯେ କୌଣସି ସମୟରେ ତାଙ୍କୁ ବ୍ୟକ୍ତିଗତ ଭାବେ ଏ ସମ୍ପର୍କରେ ଅବଗତ କରାଇପାରିବେ। ସେ ନିଜେ ଓ ତାଙ୍କ ସରକାର ନ୍ୟାୟ ସପକ୍ଷରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବ୍ୟକ୍ତିଗତ ଭାବେ ଭେଟି ଏହି ଆଲୋଚନା କରିଥିବାରୁ ଏବଂ ନ୍ୟାୟ ମିଳିବାର ଭରସା ଦେଇଥିବାରୁ ଶ୍ରୀମତୀ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

## ମହାକାଶରୁ ସମୁଦ୍ରରେ ଲ୍ୟାଣ୍ଡ କଲେ ସୁନୀତା

ନୂଆଦିଲ୍ଲୀ, ୧୯।୩

ମହାକାଶରେ ୯ ମାସ ରହିବା ପରେ ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ବୁଚ ୱିଲମୋର । ସେମାନଙ୍କ ସହିତ ଅନ୍ୟ ଦୁଇ ମହାକାଶଚାରୀ ନିକ ହେଗ ଏବଂ ଆଲେକଜାଣ୍ଡର ଗର୍ବୁନୋଭ ମଧ୍ୟ ପୃଥିବୀକୁ ଫେରିଛନ୍ତି। ସ୍ପେସଏକ୍ସ ଡ୍ରାଗନ-୯ ମହାକାଶଯାନ ଜରିଆରେ ସେମାନେ ଫେରିଛନ୍ତି । ତେବେ ମହାକାଶରୁ ଯାତ୍ରା ଆରମ୍ଭ କରି ସମୁଦ୍ରରେ ଲ୍ୟାଣ୍ଡ (ପୃଷ୍ଠା ୭ରେ)



## ଆପଣଙ୍କୁ ସ୍ୱାଗତ କ୍ରୁ୯ ! ପୃଥିବୀ ଆପଣଙ୍କୁ ମନେ ପକାଉଥିଲା

ନୂଆଦିଲ୍ଲୀ, ୧୯।୩

ସୁରକ୍ଷିତ ଭାବେ ପୃଥିବୀକୁ ଫେରିବାକୁ ନେଇ ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନିତା ୱିଲିୟମ୍ସଙ୍କୁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏକ୍ସରେ ସେ ଲେଖିଛନ୍ତି, ଆପଣଙ୍କୁ ସ୍ୱଗତ, କ୍ରୁ୯ ! ପୃଥିବୀ ଆପଣଙ୍କୁ ମନେ ପକାଉଥିଲା।



ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ଏହା ସେମାନଙ୍କର ଦୃଢ଼ତା, ସାହସ ଏବଂ ଅସୀମ ମାନବୀୟ ପ୍ରତିବଦ୍ଧତାର ପରୀକ୍ଷା ଥିଲା। ସୁନିତା ୱିଲିୟମ୍ସ ଏବଂ କ୍ରୁ୯ ମହାକାଶଚାରୀମାନେ ପୁଣି ଥରେ ଆମକୁ ଦେଖାଇଛନ୍ତି ଯେ, ଦୃଢ଼ ଅଧ୍ୟବସାୟର ପ୍ରକୃତ ଅର୍ଥ କ'ଣ? ବିଶାଳ ଅଜଣା ପରିସ୍ଥିତିର ସାମ୍ନାରେ ସେମାନଙ୍କର ଅଟଳ ଦୃଢ଼ ନିଷ୍ପତ୍ତି ଲକ୍ଷ ଲକ୍ଷ ଲୋକଙ୍କୁ ସର୍ବଦା (ପୃଷ୍ଠା ୭ରେ)

## କୃଷକ ପରିବାରର ଆୟ ଜାତୀୟ ସ୍ତରରେ ଅଧିକ

ଭୁବନେଶ୍ୱର, ୧୯।୩
ନ୍ୟୁଜ୍ ବ୍ୟୁରୋ

କୃଷକ ପରିବାରର ମାସିକ ହାରାହାରି ଆୟ ଜାତୀୟ ସ୍ତରରେ ଛଅ ବର୍ଷ ମଧ୍ୟରେ ୩୭୯୨ ଟଙ୍କା ବୃଦ୍ଧି ପାଇଥିବାବେଳେ ଓଡିଶାରେ ଏହା ବଢିଛି ମାତ୍ର ୧୩୬ ଟଙ୍କା। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗୃହରେ ଦେଇଥିବା ତଥ୍ୟରୁ ଏହା ଜଣାଯାଇଛି ।

କୃଷିମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ଜାତୀୟ ନମୂନା ସର୍ବେକ୍ଷଣ କାର୍ଯ୍ୟାଳୟ, କୃଷକ ପରିବାରର ମାସିକ ହାରାହାରି ଆୟ ଆକଳନ କରିଥାଏ । ୨୦୧୩ ମସିହାରେ ହୋଇଥିବା ୭୦ତମ ନମୂନା ସର୍ବେକ୍ଷଣରେ ସର୍ବଭାରତୀୟ ସ୍ତରର ଗୋଟିଏ କୃଷକ ପରିବାରର ମାସିକ ଆୟ ୬୪୨୬ ଟଙ୍କା ଥିବାବେଳେ ୨୦୧୯ ମସିହାରେ ହୋଇଥିବା ୭୭ତମ ସର୍ବେକ୍ଷଣରେ ଜାତୀୟ ସ୍ତରରେ କୃଷକ ପରିବାରର ମାସିକ ଆୟ ହାରାହାରି ଭାବେ ୧୦,୨୧୮ ଟଙ୍କାରେ ପହଞ୍ଚି ଥିବାବେଳେ ଓଡିଶାରେ ଏହା ୫୧୧୨ ଟଙ୍କାକୁ ବୃଦ୍ଧି ପାଇଥିଲା ।

ରାଜ୍ୟରେ କୃଷକମାନଙ୍କର ଆୟ ବୃଦ୍ଧି ପାଇଁ ରାଜ୍ୟ ଯୋଜନାରେ ହେଉଥିବା ବିଭିନ୍ନ ଯୋଜନା ସଂକ୍ରାନ୍ତରେ କୃଷି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଏଥି ମଧ୍ୟରେ ସିଏମ କିଷାନ ଯୋଜନା ଠାରୁ ଆରମ୍ଭ କରି କଟନ ମିଶନ, ବିହନ ପାଇଁ କର୍ପସ ପାଣ୍ଠି ଯୋଜନା, ସାର ପାଇଁ କର୍ପସ ପାଣ୍ଠି, ସମନ୍ୱିତ ଚାଷକୁ ପ୍ରୋତ୍ସାହନ, ଆଖୁ ଚାଷର ପ୍ରୋତ୍ସାହନ ପାଇଁ ଟେକ୍ନୋଲୋଜି ମିଶନ, କୃଷି ଉତ୍ପାଦକ ସଂଗଠନଗୁଡ଼ିକୁ ସହାୟତା, ଆଳୁ, ପନିପରିବା ଓ ମସଲା ଚାଷକୁ ପ୍ରୋତ୍ସାହନ, ଉଦ୍ୟାନ କୃଷି ମିଶନ, କୃଷି ଫାର୍ମର ବିକାଶ ଆଦି ଅର୍ନ୍ତଭୁକ୍ତ।

## ଭୀମ୍-ୟୁପିଆଇ କାରବାରକୁ ପ୍ରୋତ୍ସାହନ ସହ ନାମରୂପ-୪ ସାର କାରଖାନା ସ୍ଥାପନକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ, ୧୯।୩

କମ୍ ମୂଲ୍ୟର ଭୀମ-ୟୁପିଆଇ କାରବାରକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାର ବୁଧବାର ଏକ ପ୍ରୋତ୍ସାହନ ଭିତ୍ତିକ ଯୋଜନାକୁ ଅନୁମୋଦନ କରିଛନ୍ତି । ଏକ ହଜାର ୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଯୋଜନା କାର୍ଯ୍ୟକାରୀ ହେବ । କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ବୁଧବାର ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହି ଯୋଜନା ଦ୍ୱାରା କ୍ଷୁଦ୍ର ବ୍ୟବସାୟୀମାନେ ବିନା ଅତିରିକ୍ତ ମୂଲ୍ୟରେ ୟୁପିଆଇ ସେବା ପାଇପାରିବେ। କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ କାରବାର ପାଇଁ ପ୍ରତି ଦେଣନେଣ ମୂଲ୍ୟ ୦.୧୫ ପ୍ରତିଶତ ହାରରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।



ଶ୍ରୀ ବୈଷ୍ଣବ କହିଛନ୍ତି ଯେ, ଆସାମର ନାମରୂପଠାରେ ବ୍ରହ୍ମପୁତ୍ର ଭ୍ୟାଲି ଫର୍ଟିଲାଇଜର କର୍ପୋରେସନ ଲିମିଟେଡର ବର୍ତ୍ତମାନର ପରିସରରେ ଏକ ନୂତନ ବ୍ରାଉନଫିଲ୍ଡ ଆମୋନିଆ-ୟୁରିଆ କମ୍ପ୍ଲେକ୍ସ ନାମରୂପ-୪ ସାର କାରଖାନା ସ୍ଥାପନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ପ୍ରକଳ୍ପ ଦେଶରେ ଘରୋଇ ୟୁରିଆ ଉତ୍ପାଦନ କ୍ଷମତା ବୃଦ୍ଧି କରିବ ଏବଂ ଏହା ୟୁରିଆ ସାରର ବଢୁଥିବା ଚାହିଦାକୁ ପୂରଣ କରିବ ବୋଲି ସେ କହିଛନ୍ତି।

ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ ମହାରାଷ୍ଟ୍ରର ଜେଏନପିଏ ବନ୍ଦରରୁ ଛକ ପର୍ଯ୍ୟନ୍ତ ଏକ ଛଅ ଲେନ ଆକ୍ସେସ ନିୟନ୍ତ୍ରିତ ଗ୍ରୀନଫିଲ୍ଡ ରାଜପଥ ନିର୍ମାଣକୁ ସରକାର ଅନୁମୋଦନ ଦେଇଛନ୍ତି । ୪ ହଜାର ୫୦୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପର ବିକାଶ କରାଯିବ ବୋଲି ସେ କହିଛନ୍ତି । ଜେଏନପିଏ ବନ୍ଦର ଏବଂ ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରକୁ ସଂଯୋଗ କରିବାର ଲଜିଷ୍ଟିକ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ଏହି ପ୍ରକଳ୍ପ ଡିଜାଇନ କରାଯାଇଛି। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ସରକାର ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷ ପାଇଁ ବର୍ଦ୍ଧିତ ଆବଣ୍ଟନ ସହିତ ସଂଶୋଧିତ ରାଷ୍ଟ୍ରୀୟ ଗୋକୁଳ ମିଶନ କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରିଛନ୍ତି। ଏହି ଯୋଜନା ଦୁଗ୍ଧ ଉତ୍ପାଦନ ଏବଂ ଉତ୍ପାଦକତାକୁ ଯଥେଷ୍ଟ ବୃଦ୍ଧି କରିବ ଏବଂ ଏହା ଦ୍ୱାରା କୃଷକଙ୍କ ଆୟ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

### କଂଗ୍ରେସ ବିଧାୟକଙ୍କ ହଟ୍ଟଗୋଳ ଯୋଗୁଁ

## ହୋଇପାରିଲାନି ପ୍ରଶ୍ନୋତ୍ତର, ମୁଲତବୀ ପ୍ରସ୍ତାବ ଆଲୋଚନା

ଭୁବନେଶ୍ୱର, ୧୯।୩
ନ୍ୟୁଜ୍ ବ୍ୟୁରୋ

ବୁଧବାର ବିଧାନସଭାର ପ୍ରଶ୍ନୋତ୍ତର କାଳ ଆରମ୍ଭରୁ କଂଗ୍ରେସ ବିଧାୟକମାନେ ନାରାବାଜି ଚଳାଇବାରୁ ଗୃହରେ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହା ଫଳରେ ବାଚସ୍ପତି ଅଚଳାବସ୍ଥା ଏଡାଇବା ପାଇଁ ଦୁଇଥରରେ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ। ଏଥିଯୋଗୁ ପ୍ରଥମାର୍ଦ୍ଧ ବୈଠକରେ ପ୍ରଶ୍ନୋତ୍ତର, ଶୂନ୍ୟକାଳ ଓ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇପାରିନଥିଲା। ବାଚସ୍ପତି ସୁରମା ପାଢୀ ବୁଧବାର ପୂର୍ବାହ୍ନ ୧୦.୩୦ ମିନିଟ୍ ସମୟରେ ଗୃହକାର୍ଯ୍ୟ ପ୍ରଶ୍ନୋତ୍ତରରୁ ଆରମ୍ଭ କରିଥିଲେ। ହେଲେ ବିରୋଧୀ କଂଗ୍ରେସ ଦଳର ବିଧାୟକମାନେ ହଠାତ୍ ଏହି ସମୟରେ ଗୃହର ମଧ୍ୟଭାଗକୁ ଚାଲିଆସି ହୋ ହାଲ୍ଲା, ନାରାବାଜି କରିବା ସହ ପୋଷ୍ଟର ପ୍ରଦର୍ଶନ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ନିଜ ଆସନରେ ଠିଆ ହୋଇ ପ୍ରତିବାଦ ଜଣାଇଥିବା ବେଳେ ତାଙ୍କ ଦଳର ବିଧାୟକ ଅଶୋକ ଦାସ, ଦାଶରଥି ଗମାଙ୍ଗ, ସୋଫିଆ ଫିର୍ଦ୍ଦୋଷ, ମଙ୍ଗୁ ଖିଲ, ସି.ଏସ୍. ରାଜନ ଏକ୍କା, ସାଗର ଦାସ ପ୍ରମୁଖ ଗୃହ ମଝିକୁ ଆସି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ନାରାବାଜି ଆରମ୍ଭ କରିଥିଲେ। ସେମାନେ ନାରୀ ସୁରକ୍ଷା ଆମର ଦାବି, ଗୃହ କମିଟି ଗଠନ ଆମର ଦାବି ନାରା ଦେଇ ଚାଲିଥିଲେ। ଏଥିଯୋଗୁ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହା ସତ୍ତ୍ୱେ ବାଚସ୍ପତି ଶ୍ରୀମତୀ ପାଢୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇ ରଖିଥିଲେ। ଶୀତଳ ଭଣ୍ଡାର ପ୍ରତିଷ୍ଠା ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେବା ପାଇଁ ବାଚସ୍ପତି କୃଷିମନ୍ତ୍ରୀଙ୍କ ପକ୍ଷରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନାମ ଡାକିଥିଲେ। ତଦନୁସାରେ ମନ୍ତ୍ରୀ ଡା. ମହାପାତ୍ର ଗୃହରେ ତାଙ୍କର ଉତ୍ତର ପ୍ରଦାନ କରୁଥିବା ବେଳେ ବିରୋଧୀ କଂଗ୍ରେସ ବିଧାୟକମାନଙ୍କ ନାରାବାଜି ତୀବ୍ରତର ହୋଇଥିଲା। ହଟ୍ଟଗୋଳ ଜୋର ଧରିବାରୁ ବାଚସ୍ପତି ଗୃହରେ ଦେଖା ଦେଇଥିବା ଅଚଳାବସ୍ଥା ଏଡ଼ାଇବା ପାଇଁ ୫ ମିନିଟ୍ ପରେ ହଠାତ୍ ୧୦.୩୫ରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। (ପୃଷ୍ଠା ୭ରେ)

## ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ବଞ୍ଚିତ ୧ ଲକ୍ଷ ମହିଳା




ଭୁବନେଶ୍ୱର, ୧୯।୩
ନ୍ୟୁଜ୍ ବ୍ୟୁରୋ

ପୁଣି ସୁଭଦ୍ରାକୁ ନେଇ ବଡ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ସେ କହିଛନ୍ତି ରାସନ କାର୍ଡ ଏବଂ ଆୟରେ ତାଳମେଳ ଅଭାବରୁ ୧ ଲକ୍ଷ ମହିଳା ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । ପ୍ରଥମ କିସ୍ତି ପାଇଛନ୍ତି ମାତ୍ର ଆୟ ବୃଦ୍ଧି ଦର୍ଶାଇ ରାସନ କାର୍ଡ ଫେରାଇଛନ୍ତି । କିଏ ଗାଡି କିଣିଛନ୍ତି ଏବଂ କିଏ ୫ ଏକର ଜମି ନ ଥାଇ ଅଧିକ ଧାନ ମଣ୍ଡିରେ ଦେଇଛନ୍ତି । ଏ ନେଇ ମାର୍ଚ୍ଚ ୩୧ ପରେ ୱାନ ଟୁ ୱାନ ସର୍ଭେ କରାଯିବ। ରାକ୍ଷୀ ପୂର୍ଣ୍ଣିମାରେ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀ ମାନେ ଦ୍ୱିତୀୟ କିସ୍ତି ସୁଭଦ୍ରା ଟଙ୍କା ପାଇବେ। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଯେଉଁମାନଙ୍କୁ ବୟସ ୨୧ ହେଉଥିବ, ସେମାନେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।

### ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଖର୍ଚ୍ଚ ଦାବି ପାରିତ

## ଖୁବ୍ ଶୀଘ୍ର ୫୨୪୮ ଡାକ୍ତର ନିଯୁକ୍ତି ପାଇବେ

ଭୁବନେଶ୍ୱର, ୧୯।୩
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଅପ୍ରେଲ ପହିଲାରୁ ରାଜ୍ୟରେ ବହୁ ପ୍ରତିକ୍ଷୀତ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଥିବା ବେଳେ ଏଥିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ବଞ୍ଚିତ ହୋଇଥିବା ସମସ୍ତ ଯୋଗ୍ୟ ହିତାଧିକାରୀ ଉପକୃତ ହୋଇପାରିବେ ଏବଂ ଓଡ଼ିଶାରେ ଏହା ସବୁଠାରୁ ବଡ ସ୍ୱାସ୍ଥ୍ୟସେବା ଅଭିଯାନ ହେବ ବୋଲି ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ବୁଧବାର ବିଧାନସଭାରେ ମନ୍ତ୍ରୀ ଡ. ମହାଲିଙ୍ଗ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ତାଙ୍କ ବିଭାଗର ମୋଟ ୨୨୭୩୮ କୋଟି ୪୬ ଲକ୍ଷ ୪୩ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଥିଲେ। ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ କରିବା ସହିତ ଲୋକମାନଙ୍କୁ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଆୟୁଷ୍ମାନ ଯୋଜନା ବିଶେଷ ସହାୟକ ହୋଇପାରିବ। ପୂର୍ବ ସରକାର କେନ୍ଦ୍ରଠାରୁ ଅର୍ଥ ଆଣି ସ୍ୱାସ୍ଥ୍ୟଭିତ୍ତିଭୂମି ବାବଦରେ ଖର୍ଚ୍ଚ କରୁଥିଲେ ମଧ୍ୟ ଆୟୁଷ୍ମାନ ଯୋଜନାକୁ କାର୍ଯ୍ୟକାରୀ କରିନଥିଲେ ବୋଲି ମନ୍ତ୍ରୀ କହିଥିଲେ। ସେ କହିଲେ ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଖାଲିପଡିଥିବା ଡାକ୍ତର ପଦବୀ ପୂରଣ ପାଇଁ ବର୍ତ୍ତମାନ ସରକାର ପଦକ୍ଷେପ ନେଇଛନ୍ତି। ୫୨୪୮ ଡାକ୍ତର ପଦବୀରେ ନିଯୁକ୍ତି ପାଇଁ ଓପିଏସ୍‌ସି ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଚଳିତ ବର୍ଷ ତାଳଚେର ଓ କନ୍ଧମାଳ ଜିଲ୍ଲାରେ (ପୃଷ୍ଠା ୭ରେ)



### ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୯।୩
ନ୍ୟୁଜ୍ ବ୍ୟୁରୋ

ଗୁରୁବାର ଓଡ଼ିଶାର ବିଭିନ୍ନ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସୂଚନା ଅନୁସାରେ ଭଦ୍ରକ, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଏବଂ ସୁନ୍ଦରଗଡ଼ ଜିଲ୍ଲାର କିଛି ସ୍ଥାନରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହିତ ବଜ୍ରପାତ ଏବଂ କୁଆପଥର ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।


ସମ୍ବଲପୁର, ଦେବଗଡ଼, ବୌଦ୍ଧ, ଅନୁଗୁଳ ଏବଂ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ (ପୃଷ୍ଠା ୭ରେ)

### ଏକାଳ ପଖାଳ



କଥା ଦେଇଛନ୍ତି ମୁଖିଆ
କରିଦେବେ ପର୍ଦ୍ଦାଫାସ
ଦଣ୍ଡ ପାଇବେ ନିଶ୍ଚୟ ସିଏ
କରିଛନ୍ତି ଯିଏ ଦୋଷ
ନ୍ୟାୟ ପାଇବେ ଦାସ
ଦେଖିବା କେବେ ଏସବୁ ଘଟିବ
ଅପେକ୍ଷାର ହେବ ଶେଷ ।

## ବହୁ ସଂଖ୍ୟକ ରାସନ କାର୍ଡ ପ୍ରଦାନ କରିବା ଦାବି କେବଳ ଲୋକ ଦେଖାଣିଆ



ନୂଆଦିଲ୍ଲୀ, ୧୯।୩

ଏକ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ବୁଧବାର କହିଛନ୍ତି ଯେ, ଅନେକ ରାଜ୍ୟ ରାସନ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅସହାୟ ଲୋକଙ୍କୁ ସବସିଡିଯୁକ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବାକୁ ଦାବି କରୁଛନ୍ତି । କିନ୍ତୁ ଏହି ରାସନ ବିପିଏଲ ହିତାଧିକାରୀ ପରିବାର ପର୍ଯ୍ୟନ୍ତ ପହଞ୍ଚୁ ନାହିଁ।

ସୁପ୍ରିମକୋର୍ଟ ପଚାରିଥିଲେ ଯେ, ରାଜ୍ୟଗୁଡ଼ିକ କଣ ରାସନ କାର୍ଡକୁ ଲୋକ ଦେଖାଣିଆ ପାଇଁ ବ୍ୟବହାର କରୁଛନ୍ତି ? ପ୍ରକୃତରେ କଣ ଲାଭଗୁଡ଼ିକ ବିପିଏଲ ପରିବାରମାନଙ୍କ ପାଖରେ ପହଞ୍ଚୁଛି ? ପ୍ରକୃତ ବିପିଏଲ (ଦାରିଦ୍ର୍ୟ ସୀମାରେଖା ତଳେ) ପରିବାର ପାଇଁ ଉଦ୍ଦିଷ୍ଟ ସୁବିଧାଗୁଡ଼ିକ କଣ ସେହି ଲୋକଙ୍କ ପକେଟକୁ ଯାଉଛି ଯେଉଁମାନେ ଏହାର ଯୋଗ୍ୟ ନୁହଁନ୍ତି ?

ଶୁଣାଣିରେ କରୋନାର କଥା କୁହାଯାଇଥିଲା। ସୁପ୍ରିମକୋର୍ଟରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଏନ. କୋଟିଶ୍ୱର ସିଂହଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି । କୋର୍ଟ କହିଛନ୍ତି ଯେ, ରାସନ କାର୍ଡଗୁଡ଼ିକୁ ସେହି ରାଜ୍ୟମାନେ ଦେଖାଇବା ପାଇଁ ବ୍ୟବହାର କରନ୍ତି। ଯେଉଁମାନେ ଦାବି କରୁଛନ୍ତି ଯେ, ସେମାନେ ବହୁ ସଂଖ୍ୟକ ରାସନ (ପୃଷ୍ଠା ୭ରେ)

## ଏପ୍ରିଲ ୨ରୁ ସକାଳୁଆ ସ୍କୁଲ

ଭୁବନେଶ୍ୱର, ୧୯।୩
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଏପ୍ରିଲ ୨ ତାରିଖରୁ ରାଜ୍ୟରେ ସମସ୍ତ ସ୍କୁଲ ସକାଳୁଆ ହେବ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଚାଲିବ। ଏହା ବ୍ୟତୀତ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କୁ କାମ କରାଇବାକୁ ବାରଣ କରାଯାଇଛି। ଏଥି ସହ ଅଘୋଷିତ ବିଦ୍ୟୁତ



କାଟ ହେବନାହିଁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକୁ ସକାଳ ୭ ଟା ରୁ ୯ ଟା ଯାଏଁ କରିବା ପାଇଁ ମହିଳା ଓ ଶିଶୁ ବିକାଶ (ପୃଷ୍ଠା ୭ରେ)

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ

ଭାରତର ଜି-୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି।

ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାନାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

**ସତ୍ୟ ଭାଗବତ**
**ଭଗବାନ**

ହେ ପ୍ରଭୁ ଜଗତ ନାଥ
ମୁଁ
ଇଣ୍ଡରୁ ପିଣ୍ଡ ପରିଯନ୍ତେ
ଘୁରୁଛି ମୁହିଁ ଦିବା ରାତ୍ରେ
(୧)
ନାହିଁ ମୋହର ଠାବରାବ
ଭକତ ମୋର ମନ ଭାବ
(୨)
ଦେଖିଲି ସକଳ ଅନ୍ତରେ
ମାୟା ମୋହରେ
ନିରନ୍ତରେ (୩)
ଆକେଶେ ଉଡି ମୁଁ
ବୁଲୁଛି
ଜଳରେ ବୁଡି ମୁଁ ବୁଲୁଛି
(୪)
ସ୍ଥଳରେ ସଦା ଭ୍ରମୁଅଛି
ଅନଳେ ସଦା ସାକ୍ଷୀଅଛି
(୫)
ବାୟୁରେ ସର୍ବଦା ଘୁରୁଛି
ପ୍ରାଣୀର ହୃଦେ ଭ୍ରମୁଅଛି
(୬)
ମୋ ମାୟା ମୋତେ
ଅଗୋଚର
କାହୁଁ ଜାଣିବେ ନର ଛର
(୭)
ଜୀବ ଜଗତ ମାୟା ଘର
ସେ କାହୁଁ ଭଜିବ ଠାକୁର
(୮)
କୀଟରୁ ବ୍ରହ୍ମ ପରିଯନ୍ତେ
ସକଳ ଘଟେ ସଦା
ସ୍ଥିତେ (୯)
ଭକ୍ତର ଭାବେ
ବନ୍ଧାହୋଇ
ଦିନ କାଟୁଛି ସଦା ମୁହିଁ
(୧୦)
ମୁଁ ନିରାକାର ନିରଞ୍ଜନ
ଶୂନ୍ୟରୁ ଶୂନ୍ୟ
ମହାଶୂନ୍ୟ (୧୧)
ଯାହା ଦେଖୁଛୁ ଏ
ନୟନେ
ଏ ସର୍ବ ମୋ ମାୟା
ଭିଆଣେ (୧୨)
ସେ ମାୟା କୂପ ଅତି
ଗରୁ
ଗୁରୁଙ୍କ କୃପା ତହୁଁ କରୁ
(୧୩)

(କ୍ରମଶଃ)

# ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ଓ ସୃଷ୍ଟିକର୍ତ୍ତା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଏହି ସଂସାରରେ ମନୁଷ୍ୟଜନ୍ମ ମିଳିବା ଅତି ଦୁର୍ଲଭ । ମନୁଷ୍ୟଜନ୍ମରେ ହିଁ ଅବିନାଶୀ ପରମାତ୍ମାଙ୍କୁ ପ୍ରାପ୍ତ କରାଯାଇପାରେ । କିନ୍ତୁ ଏହି ଜୀବନ ଯେ କେବେ ଶେଷ ହୋଇଯିବ, ତାହା କହିହେବ ନାହିଁ; ତେଣୁ ଯେଉଁମାନେ ବୁଦ୍ଧିମାନ୍, ସେମାନେ ବୟସ ହେଲେ ସାଧନା କରିବି ବୋଲି ଅପେକ୍ଷା ନ କରି, ବାଲ୍ୟକାଳରୁ ହିଁ ଭଗବତ୍ ପ୍ରାପ୍ତି କରାଉଥିବା ସାଧନ କରିବା ଆବଶ୍ୟକ। କୁହାଯାଏ — ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି, ଏ ଜୀବନ ଅନିଶ୍ଚିତ । କେଜାଣି କାହାର ଆଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ। ମନୁଷ୍ୟଜନ୍ମ ପାଇ ଭଗବାନଙ୍କ ଚରଣରେ ଶରଣ ନେଇଯିବା ହିଁ ହେଉଛି ଏ ଜୀବନର ଏକମାତ୍ର ସଫଳତା ; କାରଣ ଭଗବାନ୍ ହେଉଛନ୍ତି ସକଳ ପ୍ରାଣୀଙ୍କର ସ୍ୱାମୀ, ସୁହୃଦ୍, ପ୍ରିୟତମ ଓ ଆତ୍ମା । ଇନ୍ଦ୍ରିୟମାନଙ୍କ ଦ୍ୱାରା ଯେଉଁ ସୁଖ ଭୋଗ କରାଯାଏ, ଜୀବ ଯେକୌଣସି ଯୋନିରେ ଜନ୍ମିଲେ ବି, ପ୍ରାରବ୍ଧ ଅନୁସାରେ ସେଠାରେ ସେହିସବୁ ସୁଖ ମିଳିଯାଏ । ଲୋକ ନ ଚାହିଁଲେ ବି ଓ ଯେତେ ନିବାରଣ କଲେ ବି ଯେପରି ଆପେ ଆପେ ଦୁଃଖ ଆସି ପହଞ୍ଚିଯାଏ, ଠିକ୍ ସେହିପରି ସୁଖଭୋଗ ମଧ୍ୟ ଆପେ ଆପେ ମିଳେ। ତେଣୁ ସଂସାରରେ ସୁଖ ପାଇବା ପାଇଁ କୌଣସି ପ୍ରଯତ୍ନ କରିବାର ଆବଶ୍ୟକତା ନାହିଁ; କାରଣ ଆପେ ଆପେ ମିଳୁଥିବା ବସ୍ତୁ ପାଇବା ନିମନ୍ତେ ପରିଶ୍ରମ କରିବା ବାସ୍ତବରେ ନିଜର ଆୟୁ ଓ ଶକ୍ତିକୁ ବୃଥାକର୍ମରେ ଲଗାଇଦେବା ସଙ୍ଗେ ସମାନ । ଯେଉଁ ଲୋକମାନେ ଏପରି ବୃଥା ପରିଶ୍ରମ କରନ୍ତି, ସେମାନଙ୍କୁ ଭଗବାନଙ୍କର ପରମ କଲ୍ୟାଣସ୍ୱରୂପ ଚରଣକମଳ ମିଳେ ନାହିଁ । ପ୍ରାଣୀକୁ ନାନାପ୍ରକାର ଭୟ ଘେରି ରହିଛି; ତେଣୁ ରୋଗଶୋକାଦିରେ ଗ୍ରସ୍ତ ହୋଇ ମୃତ୍ୟୁର କବଳରେ ପଡ଼ିବା ପୂର୍ବରୁ ବୁଦ୍ଧିମାନ ପୁରୁଷ ନିଜର ଉଦ୍ଧାର ନିମନ୍ତେ ପ୍ରଯତ୍ନ କରିବା ଆବଶ୍ୟକ। ଏହା କହିବାର ବାହୁଲ୍ୟ ଯେ ସମଗ୍ର ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଯେମିତି ବିଚିତ୍ର ଠିକ ସେହିପରି ତାଙ୍କ ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ଏଇ ମଣିଷ ମଧ୍ୟ ସଂସାରର ଯେତେକ ପ୍ରାଣୀ ଅଛନ୍ତି ସମସ୍ତଙ୍କ ଠାରୁ ବିଚିତ୍ର । ଆଉ ସେ ଏଇଥି ପାଇଁ ବିଚିତ୍ର କାହିଁକି ନା ତାପାଖରେ ବୁଦ୍ଧି, ବିବେକ ଓ ଭାବନାଶକ୍ତି ରହିଛି ଯାହା ଏ ଦୁନିଆର ଆଉ କୌଣସି ପ୍ରାଣୀ ଠାରେ ପ୍ରତୀୟମାନ ହୁଏ ନାହିଁ । ଆଉ ଏଇ ବିଚିତ୍ର ମଣିଷର ସବୁଠାରୁ ବିଚିତ୍ର ଗୁଣ ହେଉଛି ସେ ନିଜ ଭାବକୁ ଭାଷାର ରୂପ ଦେଇ ଅନ୍ୟ ଆଗରେ ପରିପ୍ରକାଶ କରିପାରେ । ତେଣୁ ତାର ସେଇ ସବୁ ବିଚିତ୍ରତା ଯୋଗୁ ସେ ସଗର୍ବେ ଘୋଷଣା କରେ ସମଗ୍ର ପୃଥିବୀର ସର୍ବଶକ୍ତିମାନ ଓ ସର୍ବୋଚ୍ଚ ପ୍ରାଣୀ ଭାବରେ ନିଜକୁ । ଆକାଶରେ ଉଡିବା ଠାରୁ ଆଜି ଜଳରେ ବୁଡିବା ଯାଏଁ, ଏପରିକି ଆଲୋକଠୁ ମଧ୍ୟ ଆହୁରି ଅଧିକ ବେଗରେ ଗତି କରୁଥିବା ଆଧୁନିକ ଯାନବାହାନର ଆବିଷ୍କାର କରିସାରିଥିବା ଏଇ ବିଚିତ୍ର ମଣିଷ ଈଶ୍ୱରଙ୍କ ଏଇ ଅପୂର୍ବ ସୃଷ୍ଟି ଧରଣୀ ରାଣୀକୁ ଛାଡି ମଙ୍ଗଳ ଗ୍ରହରେ ରହିବାର ବାଟ ବି ସେ ଖୋଜିସାରିଛି । ତଥାପି ବଦଳି ପାରିନି ମଣିଷର ସେଇ ପ୍ରକୃତି, ପ୍ରବୃତ୍ତି ଓ ଦୃଷ୍ଟିଭଙ୍ଗୀ । କହିବାର ତାତ୍ପର୍ଯ୍ୟ ଏଇଆ ଯେ ମଣିଷ ଆଜି ଯେତେ ଆଧୁନିକତା ଆଡ଼କୁ ଗତି କରୁଛି ତାର ଦୃଷ୍ଟିଭଙ୍ଗୀ ସେତେ ବଦଳିବାରେ ଲାଗିଛି । ବଣଜଙ୍ଗଲରେ ବାସକରୁଥିବା ସେଇ ଆଦିମ ମଣିଷ ଓ ଆଜିର ମଣିଷ ଭିତରେ ଆଜି ଆକାଶ ପାତାଳ ତଫାତ । ଆଧୁନିକତାର ପ୍ରଭାବ ଓ ଯାନ୍ତ୍ରିକ ସଭ୍ୟତାର ପ୍ରଭାବ ଆଜି ମଣିଷକୁ ବିଶେଷ ଭାବରେ ପ୍ରଭାବିତ କରିଛି । ଆଧୁନିକ ଜ୍ଞାନ କୌଶଳର ଉପଯୋଗ କରି ଆଜି ମଣିଷ ଅସାଧ ସାଧନ କରିପାରୁଛି । ପିଲା ଠାରୁ ବୁଢା ସମସ୍ତଙ୍କ ପାଖରେ ଆଜି ରହିଛି ମୋବାଇଲ। ଇଣ୍ଟରନେଟ ସାହାଯ୍ୟରେ ଯେ କୌଣସି ସମୟରେ ଯେ କୌଣସି ବିଷୟ ଅତି ସହଜରେ ଆଉ ତା ପୁଣି ସ୍ୱଳ୍ପ ସମୟ ମଧ୍ୟରେ ଜାଣିପାରୁଛି ଆଜିର ମଣିଷ । ଯାହା ମଣିଷକୁ ଆଜି ଭିନ୍ନ ଦିଗନ୍ତର ପଥିକ ସଜାଇ ଦେଇଛି । ସମସ୍ତଙ୍କ ମନରେ ଆଜି ଅଶ୍ଳୀଳ ଓ ଅନୈତିକ ଦୃଷ୍ଟିଭଙ୍ଗୀର ବିଜ ବପନରେ ଏଇ ଆଧୁନିକତା ସମ୍ପୂର୍ଣ୍ଣ ଭାବରେ ଦାୟୀ। ଯେପରି ଏକ ନବ ଯୌବନା ବାରାଙ୍ଗନାକୁ ଅବଲୋକନ ପୂର୍ବକ କବି, ଭାବୁକ, ପ୍ରେମିକ, ସନ୍ୟାସୀଙ୍କ ମତାମତ ନିଆଯାଏ ତାହେଲେ ସେମାନଙ୍କ ମତ ନିମ୍ନ ପ୍ରକାର ହୁଅନ୍ତା। ଯେପରି କବି ଜଣକ ତରୁଣୀର ରୂପକୁ ପ୍ରକୃତି ସହ ତୁଳନା କରି ଭାବ ବିହ୍ୱଳିତ ହୋଇଉଠିବା ବେଳେ ଭାବୁକ ଜଣକ ତାର ସୌନ୍ଦର୍ଯ୍ୟକୁ ଭୂୟସୀ ପ୍ରସଂଶା କରି ତାର ରୂପରେ ବିମୁଗ୍ଧ ହୋଇଥାନ୍ତେ ଠିକ୍ ସେହିପରି ପ୍ରେମିକ ଜଣକ କାମନାବାଣରେ ଅଧୀର ହୋଇ ଦେହ ଭୋଗ ବାସନା ପୋଷଣ କଲାବେଳେ ସନ୍ୟାସୀ ଜଣକ ଦେବୀ ଦୁର୍ଗାଙ୍କ ପ୍ରତିରୂପ ସହ ତୁଳନା କରି ବନ୍ଦନା ପାଠରେ ଲାଗିପଡ଼ନ୍ତେ। ଈଶ୍ୱର ତାଙ୍କ ସୃଷ୍ଟିର ତାଙ୍କ ନିଜ ଲୋକଙ୍କ ଉପରେ ସଦା ସର୍ବଦା ଅତ୍ୟନ୍ତ ଦୟାଭାବ ରହିଥାଏ । ଅତଏବ ପ୍ରଭୁଙ୍କ କୃପାରୁ ନିଜର କଲ୍ୟାଣ ନିଶ୍ଚିତ ହୋଇଥାଏ , ଏଥିରେ ତିଳେ ହେଲେ ଶଙ୍କା କରିବା ଉଚିତ ନୁହେଁ । ତେବେ ଈଶ୍ୱରଙ୍କୁ ଉପଲବ୍ଧ କରିବାକୁ ହେଲେ ପ୍ରତ୍ୟେକ ସମୟରେ ଭଗବତ୍ ସ୍ମରଣ ପୂର୍ବକ ଆନନ୍ଦରେ ନିବାସ କରିବାକୁ ହୋଇଥାଏ ଆଉ ଭଗବତ୍ ସ୍ମରଣରେ ମୁଗ୍ଧ ହୋଇଯିବା ଦରକାର ହୋଇଥାଏ। ପ୍ରସନ୍ନତା ଓ ଆନନ୍ଦ ତ ଭଗବାନଙ୍କର ସ୍ୱରୂପ ଅଟେ। ନିଜ ଇଷ୍ଟଦେବଙ୍କର ସ୍ମରଣ କର ଅଥବା ଭଗବାନଙ୍କର କୌଣସି ଏକ ସ୍ୱରୂପକୁ ଯେଭଳି ନାରାୟଣ, ରାମଚନ୍ଦ୍ର, ଶିବ, କୃଷ୍ଣ ତଥା ନିରାକାର ଆଦି । ଭଗବତ୍ ସ୍ମରଣରେ ଆନନ୍ଦ ହିଁ ଆନନ୍ଦ ରହିଛି, ଅନ୍ୟ କିଛି ନୁହେଁ । ଯଦି କିଏ କହନ୍ତି କି ଭଗବାନଙ୍କର ସ୍ମରଣରେ ଆନନ୍ଦ ମିଳୁନାହିଁ, ତେବେ ଏଥିରୁ ପ୍ରମାଣ ଯେ ସେ ଈଶ୍ୱରଙ୍କୁ ସମ୍ପୂର୍ଣ୍ଣ ସମର୍ପଣ ରେ ଡାକି ନାହିଁ ଏବଂ ଆନନ୍ଦ ପ୍ରତୀତ ନ ହେବା ତ ନିଜର ମାନ୍ୟତା ଅଟେ। ଯଦି ସାଧକ କେବଳ ମାନିନେବେ କି, ଭଗବତ୍ ସ୍ମରଣରେ ଆନନ୍ଦ ରହିଛି, ତାକୁ ଆଗକୁ ଗଲେ ନିଶ୍ଚିତ ଆନନ୍ଦ ଉପଲବ୍ଧି ହେବ, ତେବେ ଏଥିରେ ଶଙ୍କାର ଆବଶ୍ୟକତା ନାହିଁ। ମାନି ନେବାରେ ହିଁ କଲ୍ୟାଣ ନିହିତ। ଯଦି କିଏ ' ଭଗବାନ ଦୟାସାଗର ଅଟନ୍ତି ଆଉ ଭଗବତ୍ ସ୍ମରଣରେ ଆନନ୍ଦ ଉପଲବ୍ଧି ହୁଏ' ଏତିକି ବୁଝିନିଏ ତେବେ ଦୟାମୟ ଭଗବାନ୍ ତାକୁ ନିଶ୍ଚିତ ଆନନ୍ଦ ଉପଲବ୍ଧି କରାଇଦେବେ । ତାଙ୍କର ଦୟାଳୁତା ଆମର ନିବେଦନ ଉପରେ ନିର୍ଭର କରେ । ଏହି ସାଧନରେ ରତ ରହିଲେ ନିଶ୍ଚୟ କଲ୍ୟାଣ ହେବ, କାହିଁକି ନାଁ ପ୍ରଭୁଙ୍କର ଦୟା ଅପାର, ସୀମାତୀତ। ଭଗବତ୍ ସ୍ୱରୂପ ସହିତ ତାଙ୍କ ଗୁଣ, ପ୍ରଭାବ, ରହସ୍ୟ, ତତ୍ତ୍ୱକଥାକୁ ମନେ ପକାଇଲେ, ତନ୍ମଧ୍ୟରେ ହିଁ ମୁଗ୍ଧ ରହିଲେ, ତାଙ୍କର ସ୍ୱରୂପ ସନ୍ଦର୍ଶନ କରି ବିଭୋର ହେଲେ ଓ ନିଜକୁ ସଦା ତାଙ୍କ ଆନନ୍ଦରେ ମଜ୍ଜାଇ ରଖିଲେ ଭଗବତ ଆନନ୍ଦ ସ୍ୱତଃ ପ୍ରାପ୍ତି ହୋଇଥାଏ। ଭଗବାନ ତ ବହୁତ ଦୟାଶୀଳ । ଭଗବାନ ଯଦି ଆମକୁ ମନୁଷ୍ୟ ଜନ୍ମ ନ ଦେଇଥାନ୍ତେ, ତେବେ ଆମେ କଣ କରିପାରିଥାନ୍ତେ ? ତାଙ୍କ ଉପରେ ଆମର ବା କଣ ଜୋର ଅଛି ? ପାହାଡ ଅବା ତଦୁପରସ୍ଥ ବୃକ୍ଷ ରୂପରେ ଜନ୍ମ ଦେଇଥିଲେ ଆମେ କଣ କରିପାରିଥାନ୍ତେ । କିନ୍ତୁ ଏହା ଭଗବାନଙ୍କର ଅପାର ଦୟା ଯେ ସେ ଆମକୁ ମନୁଷ୍ୟ ଜନ୍ମ ଦେଇଛନ୍ତି, ତେବେ ତାଙ୍କରି ସ୍ମରଣରେ ମୁଗ୍ଧ ନହେବା କିଭଳି ? ଆମର ଜନ୍ମ ଆର୍ଯ୍ୟାବର୍ତ୍ତରେ ହୋଇଛି, ଯାହା ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ଭୂମି । ଅନ୍ୟ ସବୁ ଭୂମି ଭୋଗଭୂମି ଅଟେ। ଏହା କେବଳ ଆଧ୍ୟାତ୍ମଭୂମି, ଯେଉଁଠି ଆମର ଜନ୍ମ ହୋଇଛି । ଭଗବାନ ସମସ୍ତ ଭୂତ ସମୁଦାୟ ଉପରେ ଅହୈତୁକୀ ଦୟା କରିଥାନ୍ତି । ଭଗବାନଙ୍କ ଉପରେ ଭରସା ରଖିବା ଦରକାର। କେବଳ ତାଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖିଲେ ବି ଆମର ତାଙ୍କପ୍ରତି ଭଲପାଇବା ନ ରହିଲେ ମଧ୍ୟ ତାଙ୍କର ଆମ ପ୍ରତି ଭଲପାଇବା ନିଶ୍ଚିତ ରହିବ । ଆମେ ଭଗବାନଙ୍କୁ ପ୍ରେମ ପୂର୍ଣ୍ଣ ସ୍ତୁତି ନ କଲେ ମଧ୍ୟ ସେ ଆମର ସହାୟତା ନିଶ୍ଚିତ କରିବେ। ଏଣୁ ଏ ସବୁ ସମ୍ଭବ କେବଳ ଭଗବତ ପ୍ରାପ୍ତି ଉପରେ ହିଁ ନିର୍ଭର କରେ।

# ଓଡ଼ିଆର ଅସ୍ମିତା –୨

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ-୭୬୧୦୨୦
ମୋ : ୯୪୩୭୩୨୪୯୧୭

ସମ୍ମାନୀୟ ମୋ ପରିବାର ସଦସ୍ୟ ବୃନ୍ଦ, ଆପଣଙ୍କୁ ଏଠାରେ ସୂଚାଇ ଦେବାକୁ ଉଚିତ ମନେ କରେ କି, ଏପର୍ଯ୍ୟନ୍ତ ଯେତେ ପୁସ୍ତକ ଆପଣ କିଣିଛନ୍ତି କିମ୍ବା ପଢ଼ିଛନ୍ତି ଆଉ ସେଇଥିରେ ଯାହା ସବୁ ଲେଖାଯାଇଅଛି ହୁଏତ ଆପଣ ସେଗୁଡିକୁ ତର୍ଜମା ସମୀକ୍ଷା କରିନାହାନ୍ତି କିମ୍ବା ତାହାର ସତ୍ୟାସତ୍ୟ ଉପରେ ଆଲୋଚନା ସମାଲୋଚନା କେବେ କରିନାହାନ୍ତି ! ଥରେ ସେଗୁଡିକର ବିଶେଷ ବିଶ୍ଳେଷଣାତ୍ମକ ପର୍ଯ୍ୟାଲୋଚନା କରି ଦେଖିଲେ ଜାଣିହେବ ଯେ ସମସ୍ତ ପୁସ୍ତକ ଗୁଡିକ କେବଳ ବ୍ୟବସାୟ ଭିତ୍ତିକ ଆଲେଖ୍ୟରେ ପରିପୂର୍ଣ୍ଣ ଯାହାର ବିଷୟ ଗୁଡିକ କେବଳ ଇତିହାସ, ଅଲୌକିକ, ଗାଳ୍ପିକ ଏବଂ ଅସତ୍ୟ ଘଟଣାବଳୀ ଗୁଡିକ ଉପରେ ଆଧାରିତ ! ଅଧିକନ୍ତୁ ଅନେକ ସମୟରେ ଆମ ଦେଶରେ ଏମିତି ହୁଏ, କି କୌଣସି ମନସ୍ତାତ୍ତ୍ୱିକ ଅନୁଭୂତି, ଭାବଧାରା ଗୁଡିକୁ କେତେକ ପାର୍ଥିବ ଉଦାହରଣ ଦେଇ ଏମିତି ସଂଯୋଜିତ କରି ଲେଖାଯାଇ ଥାଏ କିମ୍ବା କୁହାଯାଇ ଥାଏ ଯେ ସାଧାରଣ ନିର୍ବୋଧ ଏକ ଭାବପ୍ରବଣତାର ସହିତ ସେହି ମିଥ୍ୟା ଗୁଡିକୁ ସତ୍ୟ ବୋଲି ଧରି ନେଇଥା'ନ୍ତି । ଏହି କ୍ରମରେ ସେମାନେ ସତ୍ୟ ପଥରୁ ଦୂରେଇ ମିଥ୍ୟକୁ ଆଦରି ନିଜର ଅଜ୍ଞାନତା ଜନିତ ପରୋକ୍ଷରେ ପ୍ରତାରିତ ହେଉଛନ୍ତି ।


ଆମ ଦେଶରେ ପୁସ୍ତକ ରଚନା, ସେଗୁଡିକର ମୁଦ୍ରଣ, ପ୍ରକାଶନ ଏବଂ ବଜାରରେ ବିକ୍ରି କରିବା ନେଇ କୌଣସି ସମୀକ୍ଷା କିମ୍ବା କଟକଣା ନାହିଁ । ସେହି କାରଣରୁ ଆଜି ପ୍ରାୟତଃ ଲେଖିବାର ଅଭ୍ୟାସ ରହିଥିବା ସମସ୍ତେ ଜଣେ ଜଣେ କବି, ଲେଖକ ଯାହାଙ୍କ ସହ ସହ ପୁସ୍ତକ ବ୍ୟବସାୟିକ ଢ଼ଙ୍ଗରେ ପ୍ରକାଶ ପାଇ ବଜାରରେ ବିକ୍ରି ହେଉଛି । ସେଗୁଡିକ କେବଳ ମୂଲ୍ୟହୀନ ହୋଇଥିଲେ ତ ବହୁତ ଭଲ ହୋଇଥାନ୍ତା, କିନ୍ତୁ ଅତ୍ୟନ୍ତ ଦୁଃଖ, ବିଡମ୍ବନାର ବିଷୟ ଏହା କି ସେଗୁଡିକ ମାଧ୍ୟମରେ ସାଧାରଣ ନିର୍ବୋଧ ଆଶାତୀତ ବିପରୀତମୁଖୀ ହେଉଛନ୍ତି ଯାହାଦ୍ୱାରା ଏହି ଜାତିର ଅସ୍ମିତା ତ ବହୁ ଦୂର, ସାମାନ୍ୟ ଉନ୍ନତି କରିବା ବିପରୀତେ ଅବନତି ହୋଇ ଚାଲିଛି ଦିନକୁ ଦିନ । ଏହି ପରିପ୍ରେକ୍ଷୀରେ ସରକାରୀ କଟକଣାକୁ ଅପେକ୍ଷା ନକରି ସାଧାରଣ ଲୋକେ ନିଜସ୍ୱ ସଚେତନତା ସୃଷ୍ଟି କରି ସେଗୁଡିକୁ କିଣିବା କିମ୍ବା ପାଠ କରିବା ପ୍ରତ୍ୟାଖ୍ୟାନ କରିବା ଅତ୍ୟନ୍ତ ଜରୁରୀ। ଅଥବା ସେମାନଙ୍କ ରହିଥିବା କିଂଚିତ ଉଚିତ, ବାସ୍ତବ ଜ୍ଞାନ ବିପରୀତମୁଖୀ ହୋଇ ପାରିବାରିକ ବିଡମ୍ବନା ସୃଷ୍ଟି ହେବାର ସୂଚନା ଯଥେଷ୍ଟ ଅଧିକ ରହିଛି । ଅତଏବ ଜନସାଧାରଣ ହିଁ କୌଣସି ପୁସ୍ତକ, ଆଲେଖ୍ୟ ଗୁଡିକୁ ପଢ଼ିବା ପୂର୍ବରୁ ସେଗୁଡିକର ବାସ୍ତବିକତା, ସତ୍ୟାସତ୍ୟ ଉପରେ ତର୍ଜମା କରି ଗ୍ରହଣ କରିବା ଅତ୍ୟନ୍ତ ଆବଶ୍ୟକ। ନତୁବା ସେମାନେ କେମିତି ପରୋକ୍ଷରେ ପ୍ରତାରିତ ହେବେ ନିଜକୁ ନିଜେ ବୁଝି ନପାରି କେବଳ ଭବିଷ୍ୟ ପିଢିଙ୍କ ପାଇଁ ଏକ ଦୁର୍ଗମ ପରିବେଶ ସୃଷ୍ଟି କରୁଥିବା ବୁଝିବାକୁ ହେବ ସମସ୍ତଙ୍କୁ ।

ପରିପକ୍ୱ ମସ୍ତିଷ୍କଯୁକ୍ତ ମଣିଷ ଆଜି ଦେଖିବାକୁ ବିଲୁପ୍ତ ପ୍ରାୟ । କେତେ ଶିକ୍ଷିତ ହୁଅନ୍ତୁ କିମ୍ବା ଉଚ୍ଚାସୀନ ମଣିଷଙ୍କ ପିଲାଳିଆମୀ ଯାଇନଥାଏ ଜୀବନ ଶେଷ ପର୍ଯ୍ୟନ୍ତ। ତେଣୁ ବାଲ୍ୟ କାଳରୁ ଗଳ୍ପ ଶୁଣିବାର ଏକ ଅଭ୍ୟାସ ପ୍ରାୟତଃ ମୃତ୍ୟୁ ପର୍ଯ୍ୟନ୍ତ ରହିଯାଇ ଥାଏ ସମସ୍ତଙ୍କ ପାଖରେ । ତାହାର ସୁଯୋଗ ନେଇ ଚତୁର ଲେଖକ, ପ୍ରବଚକ ସେମାନଙ୍କୁ ଏମିତି ଗାଳ୍ପିକ ଢାଞ୍ଚାରେ ପ୍ରବର୍ତ୍ତାଇ ଥାନ୍ତି ବିଭିନ୍ନ ଅଯୌକ୍ତିକ ଉଦାହରଣ ଗୁଡିଏ ମାଧ୍ୟମରେ ଯେ ଅନୁଭବ ହୁଏ କି ତାହାଠାରୁ ବାସ୍ତବ, ସତ୍ୟ ଆଉ କିଛି ନାହିଁ ସଂସାରରେ । ସତ୍ୟ କିନ୍ତୁ ରହିଥାଏ ଆଢୁଆଳରେ। ଅବାସ୍ତବ ଅଲୌକିକ ବିଚାର ଗୁଡିକୁ ବନେଇ ଚୁନେଇ କହି ସତ୍ୟର ଅନୁଭବ ସୃଷ୍ଟି କରାଯିବା ଏବଂ ବାସ୍ତବ ସତ୍ୟ ମଧ୍ୟରେ ରହିଥିବା ପ୍ରଭେଦ ଆକାଶକୁ ପାତାଳ ପର୍ଯ୍ୟନ୍ତ ଦୂରରେ ରହିଥାଏ ଯାହା ହୁଏତ ନିର୍ବୋଧ ସର୍ବସାଧାରଣ ବୁଝିବା ଅତ୍ୟନ୍ତ ଦୁଃସାଧ୍ୟ ବ୍ୟାପାର । ସମାଜରେ ପ୍ରଚାରିତ, ପ୍ରସାରିତ ସମସ୍ତ ବିଷୟ ଗୁଡିକୁ ସମାଲୋଚନାତ୍ମକ ଢଙ୍ଗରେ ଗ୍ରହଣ ନକରି ନିର୍ଦ୍ୱନ୍ଦ୍ୱରେ ସମର୍ଥନ ଦେବା ଅର୍ଥାତ ନିଜକୁ ନିଜେ ପରୋକ୍ଷରେ ପ୍ରତାରିତ କରି ଦୁର୍ଲଭ ମଣିଷ ଜୀବନକୁ ନଷ୍ଟ କରିବା ଛଡା ଆଉ କିଛି ହୋଇ ନ ପାରେ । ବିଚାର ଆପଣ ମାନଙ୍କର ଯେ କରିବେ କ'ଣ ଏବଂ କେଉଁ ପଥର ବାଟୋଇ ହୋଇ ନିଜ ଜୀବନ ଡଙ୍ଗାକୁ ବାହିବେ ।

# ଅମୃତ ଆନନ୍ଦ




ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪



କୃଷି ପ୍ରଧାନ ରାଜ୍ୟ ଓଡିଶାରେ ଅନ୍ୟାନ୍ୟ ଖାଦ୍ୟପେୟ ସହିତ ପଖାଳ ଖିଆର ମଜା ନିଆରା । ପଖାଳ ମନକୁ ଶାନ୍ତି ଦିଏ ପେଟକୁ ଥଣ୍ଡା ରଖେ । ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ପ୍ରଚଣ୍ଡ ରୌଦ୍ରରୁ ଦେହକୁ ଥଣ୍ଡା ରଖିବାରେ ମହୌଷଧ ହୁଏ ପଖାଳ । ପିଲାଠାରୁ ବଡ, ନୂଆଣିଆ ଚାଳଛପର ହାଣ୍ଡିଶାଳ ଘରୁ ପଞ୍ଚତାରକା ହୋଟେଲ ଯାଏଁ ସବୁଠି ମାର୍ଚ୍ଚମାସ ୨୦ ତାରିଖ ଆସିଲେ ପଖାଳର ମହୋତ୍ସବ ଚାଲେ। ପ୍ରଧାନ ଉଦ୍ଦେଶ୍ୟ ଥାଏ ଓଡିଆର ପ୍ରିୟ ଖାଦ୍ୟକୁ ପରପିଢ଼ି ପାଖରେ ପହଂଚାଇବା । ପିଲାମାନଙ୍କୁ ପିଜା, ବର୍ଗର , ବିରିଆନୀ ଆଦି ଜଙ୍କଫୁଡ ଠାରୁ ଦୂରେଇ ରଖି ପଖାଳର ସନ୍ତୁଷ୍ଟିକୁ ଘରେ ଘରେ ପହଞ୍ଚାଇବା । କୃଷିପ୍ରଧାନ ଓଡିଶାର କୃଷି ବା ଚାଷବାସ କାମ ହେଉଛି ମୁଖ୍ୟ । ଗରୀବ ଚାଷୀ, ଶ୍ରମିକ ନିଜର ଆୟ ଦେଖି ଗୁଜୁରାଣ ମେଣ୍ଟାଏ ତେଣୁ ଡାଲି ଓ ଛ ତୁଣ ଖାଇବା ବଦଳରେ ପଖାଳ ସାଙ୍ଗକୁ ବାରିରେ ଲଗେଇଥିବା ବିଭିନ୍ନ କିସମର ଶାଗ ପରିବା ଓ ବଡିଚୂରାରେ ପେଟ ଭରେ ମନକୁ ଶାନ୍ତ କରେ ଏବଂ ଭଲ ନିଦ୍ରା ଯାଇ ଦେହକୁ ଥକାପଣରୁ ମୁକ୍ତି ଦିଏ। ଏହା ହେଉଛି ପ୍ରତି ଓଡିଆର ପରିଚୟ, ପଖାଳ କଂସା, ମୁନ୍ଦାଏ ତୋରାଣି, ଲୁଣ ମରିଚ ଆମ୍ବୁଲ ଚକଟା, ଶାଗଭଜା, ବଡିଚୂରାରେ ତାର ପରିବାର ଖୁସି ଥାଏ । ଗରୀବର ଅମୃତ ଭାବରେ ପରିଗଣିତ ହୁଏ । ଗ୍ରୀଷ୍ମ ସହ ତାଳଦେଇ, ତାପମାତ୍ରାକୁ ସହ୍ୟ କରିବା ପାଇଁ ଖାଦ୍ୟପେୟ ରୁଚିରେ ପଖାଳର ଆଦୃତି ବଢ଼ିଚାଲିଛି ପଲ୍ଲୀ ଠାରୁ ଦିଲ୍ଲୀ, ଚାଳଛପର ଘର ଠାରୁ ପଞ୍ଚତାରକା ହୋଟେଲ ଯାଏଁ । ସବୁଠି ଏବେ ପଖାଳ ଦିବସର ଚର୍ଚ୍ଚା । ସବୁଠି ଲୋକେ ପଖାଳର ମହତ୍ତ୍ୱ ବୁଝିଗଲେଣି। କେମିତି ବା ନ ବୁଝିବେ ଓଡିଆର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ପ୍ରିୟ ଖାଦ୍ୟ ବି ତ ପଖାଳ । ଶ୍ରୀ ଗୁଣ୍ଡିଚା ଯାତ୍ରା ଠାରୁ ନିଳାଦ୍ରି ବିଜେ ଦିନ ତକ ଛାଡିଦେଲେ ପ୍ରତିଦିନ ପଖାଳ ଛପନ ଭୋଗ ସହ ଶ୍ରୀମନ୍ଦିରରେ ଭୋଗ ଲାଗେ । ଦାରୁଦିଅଁ ପଖାଳ ଖିଆରେ ସନ୍ତୁଷ୍ଟ ଥାଆନ୍ତି । ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ଚନ୍ଦନ ଯାତ୍ରା ଅବସରରେ ମହାପ୍ରଭୁ ମଦନମୋହନ ଦହିପଖାଳ ମଣୋହି କରି ଚାପଖେଳକୁ ବାହାରନ୍ତି। ଖରାଦିନେ ଭକ୍ତମାନେ ଅଭଡାକୁ ପଖାଳ କରି ଖାଇଥାନ୍ତି । ଶ୍ରୀମନ୍ଦିରରେ ଯେଉଁ ଟଙ୍କତୋରାଣି ମିଳେ ତାହା ମହାପ୍ରସାଦରୁ ପ୍ରସ୍ତୁତ କରାଯାଇଥାଏ। ଶ୍ରୀଜଗନ୍ନାଥଙ୍କ ଠାରେ ସକାଳ ଧୂପରେ ମଧୁର ପଖାଳ, ଦ୍ୱିପହର ସମୟରେ ସୁବାସିତ ପଖାଳ, ସନ୍ଧ୍ୟାରେ ଦହି ପଖାଳ ଓ ରାତି ବଡସିଂହାରରେ ଘିଅ ପଖାଳ ଲାଗି ହୋଇଥାଏ । କାଳିଆ ସାଆନ୍ତ ରାତିରେ ଘିଅ ପଖାଳ ଖାଇ ଭଲ ନିଦ୍ରା ଯାଆନ୍ତି ବୋଲି କୁହାଯାଏ। ଶ୍ରୀ ମନ୍ଦିରର ରୋଷଘରେ ଖଡିପଥର ନିର୍ମିତ ସ୍ୱତନ୍ତ୍ର କୁଣ୍ଡ ରହିଛି ଏଥିରେ ଅନ୍ନ ଓ ପାଣି ପୂରାଯାଇ ମହାପ୍ରଭୁଙ୍କ ପାଇଁ ପଖାଳ ପ୍ରସ୍ତୁତ ହୁଏ । ମହାପ୍ରଭୁଙ୍କ କେଉଁ ପଖାଳରେ କଣ ପଡିବ ତାହା ମାଦଳାପାଞ୍ଜିରେ ଲେଖା ହୋଇଥାଏ । ବିଭିନ୍ନ ରାଜାଙ୍କ ସମୟରେ ଏକାଧିକ ପିଠା ଭୋଗ ଲାଗିବାର ପରମ୍ପରା ଥିଲେ ବି ତା ମଧ୍ୟରେ ପଖାଳ ହେଉଛି ସର୍ବ ପ୍ରାଚୀନ ଓ ପ୍ରଥମ । ତେଣୁ ପଖାଳ ଓଡିଶାର ଘରେ ଘରେ ପୁରେ ପୁରେ ସୁପରିଚିତ । ସବୁ ଘରେ ତାର ଆଦର ଥାଏ । ଏବେ ପଖାଳ ଆଉ ଗାଁ ମଫସଲର ଗାଧୁଆବେଳର ପ୍ରଧାନ ଖାଦ୍ୟ ହୋଇ ରହିନାହିଁ ସହରର ଚାକଚକ୍ୟ ଚଳଣିରେ ବି ପଖାଳ ଗୋଟିଏ ସ୍ୱତନ୍ତ୍ର ସ୍ଥାନ ନେଲାଣି । ମାର୍ଚ୍ଚ ୨୦ ଆସିଲେ ହୋଟେଲ ମାନଙ୍କରେ ଆଉ ମହକେନାହିଁ ବିରିଆନିର ଅତରା ପଖାଳ ସାଙ୍ଗକୁ ପ୍ରସ୍ତୁତ ହୋଇଥାଏ ଆମିଷ ଓ ନିରାମିଷ ବ୍ୟନ । ଗାଁ ପରିବେଶକୁ ଅନୁଭବ କଲାଭଳି ଛୋଟ ହୋଟେଲ ଠାରୁ ଷ୍ଟାର ହେଟେଲ ଯାଏଁ ଭଳିକି ଭଳି ପଖାଳ ଛୁଙ୍କ ପଖାଳ, ଦହି ପଖାଳ, ସାଧା ପଖାଳ, ସଜ ପଖାଳ, ଘିଅ ପଖାଳ, ପ୍ରଭୃତି । ତା ସାଙ୍ଗକୁ ଭଳିକି ଭଳି ଚାଖଣା ବିଭିନ୍ନ ପ୍ରକାରର ଶାଗଭଜା, ବଡିଚୂରା, କଲରା ଭଜା, ଚିମ୍ବ ଛଣା, ବାଇଗଣ ଭର୍ତ୍ତା, କଖାରୁ ଫୁଲ, ସାଲାଡ, ଚଟଣୀ, ପାମ୍ପଡ, ଆଳୁ କଷା, ଆଳୁଭର୍ତ୍ତା ଆହୁରି ଅନେକ ବ୍ୟଞ୍ଜନ ନିରାମିଷଙ୍କ ପାଇଁ ଆଉ ଆମିଷ ଖାଇବା ବାଲାଙ୍କ ପାଇଁ ମଟନ, ଚିକେନ କଷା, ମାଛ ପତ୍ରପୋଡା, ଚୂନାମାଛ ଭଜା, ଚିଙ୍ଗୁଡି ଛେଚା, ମାଛ ବେସର, ପୋହଳା ମାଛ ଭଜା , କଙ୍କଡା ଛେଚା ଆହୁରି ଭଳିକି ଭଳି ସୁସ୍ୱାଦୁ ଚାଖଣା ମେନୁକୁ ନେଇ ପଇସା । କୋଉ ପଖାଳ ପ୍ରସ୍ତୁତହୋଇଥାଏ ଆମ୍ବକଷି ଅଦା ଲଙ୍କା ପଡିକି ତ କୋଉ ପଖାଳରେ ଥାଏ ଲାସିଲଗା ଆମ୍ବର ବାସ୍ନା, କୋଉଥିରେ ଦହି ତ କୋଉଥିଲେ ଲେମ୍ବୁ, ଲେମ୍ବୁପତ୍ର, ଧନିଆ, ପୋଦିନାର ମହକ । ଯାହାବି ହେଉ ପଖାଳ ଏବେ ସବୁ ମହଲରେ ଆଦୃତ ନେତାଠାରୁ ମନ୍ତ୍ରୀ ଯାଏଁ ସମସ୍ତଙ୍କର ପ୍ରିୟ ଖାଦ୍ୟ । ପଖାଳ ଯେଉଁ ପୋଷକ ତତ୍ତ୍ୱ ଦିଏ, ଅତ୍ମ ସନ୍ତୋଷ ଦିଏ ତାହା ଆଉ କେଉଁ ଖାଦ୍ୟରୁ ମିଳେନାହିଁ । ତେଲ ଲୁଣ, ମସଲାର ପ୍ରଭାବ ନଥିବାରୁ ଶରୀର ପାଇଁ ବହୁତ ହିତକାରୀ, ଗ୍ୟାଷ୍ଟ୍ରିକ, ଛାତିପୋଡା, ମୁଣ୍ଡ ବୁଲାଇବା ଭଳି ରୋଗରୁ ମୁକ୍ତି ଦିଏ । ବାସୀ ପଖାଳ, ଚାଇଁ ପଖାଳ କି ସଜ ପଖାଳ ହେଉ ବାରିରେ ଯଦି ଶାଗ ମୁଠାଏ ହେଉଥିବ, ପାଖରେ ବଡିଚୂରା କି ଟିକେ କଂଚାମରୀଚ, ପିଆଜ ଆମ୍ବୁଲ ଚକଟା ଥିବ ଆଉ ଦରକାର ନଥାଏ ଛ ତୁଣ ନ ଭଜା କି ତେଲ ମସଲାର ଚିନ୍ତା । ପଖାଳ ପାରିବାରିକ ସମ୍ପର୍କ ସୁଦୃଢ଼ କରେ । ସକାଳେ ଗାଧୋଇ ଆସି ମୁଣ୍ଡରୁ ପାଣି ଝରୁଥିବ ଆଉ ସେତିକିବେଳେ ବାପା, ମାଆ, ଜେଜେମା, ଜେଜେବାପା, ଭାଇ ଭଉଣୀ ସମସ୍ତଙ୍କ ପାଖରେ ଥିବ କଂସାବେଲା ଆଉ ଲୁଣ ମରୀଚ ପିଆଜ, ଶିକାରେ ଝୁଲୁଥିବା ଶୁଖୁଆର ପୋଡା । କଂସାଏ ପଖାଳ, ମୁନ୍ଦାଏ ତୋରାଣି ଖାଇ ଛତା, ପାଣି ବୋତଲ, ମୁଣ୍ଡରେ ଗାମୁଛା ଖଣ୍ଡେ ପକାଇ ଚାଷୀ ବିଲକୁ ଯାଏ, ଚାଷକଥା ବୁଝେ ସାରା ଦ୍ୱିପହର । ଘରକୁ ଆସି ପୁଣି ପଖାଳ ଗଣ୍ଡେ ଖାଇ ତୋରାଣି ପିଇ ହାଲିଆ ମାରେ ମାଟିପିଣ୍ଡାରେ ଚାଳ ଛାଇରେ । ବାସ୍ତବିକ ଏଭଳି ଜୀବନରେ ଯେଉଁ ଆତ୍ମତୃପ୍ତି ଥାଏ ତାହା ନ ଥାଏ ସହରୀ ଜୀବନରେ । ଗାଁ ପରିବେଶ ଗାଁର । ସହରୀ ପରିବେଶ ସହରର । ଗାଁ ଲୋକଙ୍କର କାମ କରିବାରେ ଯେତିକି ଶକ୍ତି ଓ ସାମର୍ଥ୍ୟ ଥାଏ ସହରୀ ଲୋକ ସେତିକି ସାମର୍ଥ୍ୟ ରୋଗ ବଇରାଗ, ଔଷଧ ଖାଇବାରେ ଯାଏ । ଓଡିଆ ଖାଦ୍ୟ, ପର୍ବପର୍ବାଣି, ସଂସ୍କୃତି, ସ୍ୱାସ୍ଥ୍ୟ ସହ ଜଡିତ ପଖାଳ । ମାର୍ଚ୍ଚ ୨୦ ପଖାଳ ଦିବସ ପାଳିବାକୁ ନୁହେଁ ବରଂ ପଖାଳର ମହତ୍ତ୍ୱକୁ ଆମେ ବୁଝି ଆମର ପରପିଢ଼ିଙ୍କୁ ପହଁଚାଇବା ଏହାର ପ୍ରଧାନ ଲକ୍ଷ୍ୟ । ୨୦୧୧ ମାର୍ଚ୍ଚ ୨୦ କିଛି ଓଡିଆ ଓ ଅଣଓଡିଆଙ୍କ ଭିତରେ ପଖାଳ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିଲା ୨୦୧୫ ଠାରୁ ବିଶ୍ୱର କୋଣ ଅନୁକୋଣରେ ଗରୀବର ଅମୃତ ହୋଇ ରହିଥିବା ପଖାଳ ହେଲାଣି ପ୍ରତି ଓଡିଆର ଜାତୀୟ ଖାଦ୍ୟ। ଆସନ୍ତୁ ଏହି ଦିବସକୁ ମନାଇ ପଖାଳର ଗୁରୁତ୍ୱକୁ ଆମ ଦୈନନ୍ଦିନ ଜୀବନରେ ଉପଲବ୍ଧ କରିବା । ମନେପଡେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ପୁରାତନ ପଲ୍ଲୀ ଗୀତଟିଏ...

**ଆସ ଜୀବନ ଧନ ମୋର ପଖାଳ କଂସା । ସଜନୀରେ ତୋ ବିହୁନେ ବୁଡିଲା ହଂସା ।**

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୨୬

## ଜଉଘର ରହସ୍ୟ-୧



ଭୀମ ଓ ଅର୍ଜୁନଙ୍କୁ ଦେଖି ବା ମାତ୍ରେ ଦୁର୍ଯ୍ୟୋଧନର ଈର୍ଷା ସହସ୍ରଗୁଣ ବଢିଯାଉଥିଲା। ତାର କାରଣ, ଭୀମର ଦୈହିକ ଶକ୍ତି ଓ ଅର୍ଜୁନର ଅସ୍ତ୍ର ଚଳାଇବାରେ କୁଶଳତା। ଦୁର୍ଯ୍ୟୋଧନଙ୍କର ବର୍ତ୍ତମାନ ଦୁଇଜଣ ପରାମର୍ଶଦାତା କର୍ଣ୍ଣ ଓ ଶକୁନି। ଯେତେକ ଖରାପ ପରାମର୍ଶ ଦେବାରେ ସେମାନେ ଧୂରନ୍ଧର। ରାଜା ଧୃତରାଷ୍ଟ୍ର ନିଶ୍ଚିତ ଭାବେ ଜଣେ ଉତ୍ତମ ମଣିଷ। ପଣ୍ଡୁର ପୁଅମାନଙ୍କ ପ୍ରତି ତାଙ୍କର ସ୍ନେହ ଶ୍ରଦ୍ଧା ରହିଥିଲା। କିନ୍ତୁ ନିଜ ପୁଅମାନଙ୍କ ପ୍ରତି ସେ ଅନ୍ଧ ଭାବେ ସଂଯୁକ୍ତ ଥିଲେ। ସେ ସକାଶେ, ଇଚ୍ଛାକରି ମଧ ସେ ଭୁଲ୍ କରୁଥିଲେ।

ଇତିମଧ୍ୟରେ ପାଣ୍ଡବ ଭାଇମାନଙ୍କୁ ଜୀବନରୁ ମାରିଦେବା ପାଇଁ ଅନେକ ଯୋଜନା କରିଥିଲା ଦୁର୍ଯ୍ୟୋଧନ, ମାତ୍ର ଠିକଣା ସମୟରେ ବିଦୁରଙ୍କ ଗୋପନ ସହାୟତା ଯୋଗୁଁ ସେମାନେ ରକ୍ଷା ପାଇଯାଇଥିଲେ।

ଏବେ ଗୋଟିଏ କଥା ଦୁର୍ଯ୍ୟୋଧନକୁ ବିଚଳିତ କରୁଛି ଯେ, ପ୍ରଜାମାନେ ଖୋଲାଖୋଲି କହୁଛନ୍ତି, ଯୁଧିଷ୍ଠିର ରାଜା ହେବା ପାଇଁ ଏକମାତ୍ର ଯୋଗ୍ୟ ବ୍ୟକ୍ତି। ଧୃତରାଷ୍ଟ୍ର ଜନ୍ମାନ୍ଧ ହୋଇଥିବାରୁ ରାଜା ହେବାକୁ ଅନୁପଯୁକ୍ତ। ଭୀଷ୍ମ ରାଜା ହେଲେ ଉତ୍ତମ, କିନ୍ତୁ ସେ ଯେ ଶପଥ କରିଛନ୍ତି ରାଜା ହେବେନାହିଁ। ବାକି ରହିଲେ ରାଜା ପଣ୍ଡୁଙ୍କର ଜ୍ୟେଷ୍ଠପୁତ୍ର ଯୁଧିଷ୍ଠିର। ସେ ଧାର୍ମିକ ଓ ଜ୍ୟେଷ୍ଠ। ସେ ହିଁ ରାଜା ହେବା କଥା।

ଏହି କଥା ଦୁର୍ଯ୍ୟୋଧନଙ୍କ କାନରେ ପଡ଼ିବା ମାତ୍ରେ ତାଙ୍କ ଦେହ ଓ ମନରେ ଜ୍ୱଳନ ସୃଷ୍ଟି ହେଉଥିଲା। ସେ ଅସ୍ଥିର ହୋଇଉଠୁଥିଲେ।

ଦିନେ ସେ ଧୃତରାଷ୍ଟ୍ରଙ୍କ ପାଖରେ ଅଭିଯୋଗ କଲେ- ହେ ପିତୃଦେବ! ପ୍ରଜାମାନେ ଖୋଲାଖୋଲି କହୁଛନ୍ତି ଯୁଧିଷ୍ଠିର ରାଜା ହୁଅନ୍ତୁ। ପାଣ୍ଡବମାନଙ୍କର ପିତାମହ ଭୀଷ୍ମ ଓ ତୁମ ପ୍ରତି ସମ୍ମାନବୋଧ ନାହିଁ। ପୂର୍ବକଥା ମନେପକାନ୍ତୁ। ତୁମେ ଅନ୍ଧଥିବାରୁ ତୁମକୁ ବାଦ୍ ଦେଇ ପଣ୍ଡୁଙ୍କୁ ରାଜା କରାଯାଇଥିଲା। ଏବେ ଯଦି ଯୁଧିଷ୍ଠିର ରାଜା ହେବ, ଆମ ଭାଇମାନଙ୍କର ଭବିଷ୍ୟତ କ'ଣ ହେବ? ଥରେ ଯୁଧିଷ୍ଠିର ରାଜା ହେଲେ, ତାଙ୍କ ପୁଅ ଏବଂ ତା ପୁଅର ପୁଅ ରାଜା ହେବ। ଆମେ କରିବୁ କ'ଣ? ସେମାନଙ୍କର ଶକ୍ତି ଯାହା, ସେମାନେ ଆମକୁ ମାରିଦେବେ! କିଛି କରନ୍ତୁ ପିତା!

ଧୃତରାଷ୍ଟ୍ର ଶୁଣିଲେ। ଗଭୀର ଭାବେ ଭାବିଲେ। କହିଲେ – ତୁମେ ଯାହା କହୁଚ କେତେକାଂଶରେ ସତ। କିନ୍ତୁ ମୁଁ ଭାବୁଛି, ଯୁଧିଷ୍ଠିର ସତ୍‌ପଥରୁ କେଭେଁ ବିଚ୍ୟୁତ ହେବନାହିଁ। ସେ ତା'ର ପରଲୋକଗତ ପିତାଙ୍କ ଠାରୁ ସଦ୍‌ଗୁଣ ଗୁଡ଼ିକ ଆଣିଛି। ମୁଁ ଦେଖୁଛି, ପ୍ରଜାମାନେ ସେମାନଙ୍କର ସମର୍ଥକ। ସେମାନେ ପାଣ୍ଡବ ଭାଇମାନଙ୍କୁ ଭଲ ପାଆନ୍ତି। ଅଧିକନ୍ତୁ ସେନାମୁଖ୍ୟ ଯୁଧିଷ୍ଠିରକୁ ବିରୋଧ କରିବେନାହିଁ। ଆମେ ଯେବେ ସେମାନଙ୍କ ପ୍ରତି ଅନ୍ୟାୟ ଆଚରଣ କରିବା, ପ୍ରଜାଗଣ ଆମ ବିରୁଦ୍ଧରେ ଯିବେ। ହେଇପାରେ ପ୍ରଜା ଓ ସେନା ଆମକୁ ମାରିଦେବେ ନହେଲେ ରାଜ୍ୟରୁ ଘଉଡେଇ ଦେବେ। ଅତଏବ୍ ଯାହାକିଛି କରିବା ଭାବିଚିନ୍ତି କରିବା।

"ପିତା, ତୁମର ସନ୍ଦେହ ଅମୂଳକ। ମୁଁ ଜାଣେ ପିତାମହ ଭୀଷ୍ମ ଶେଷପର୍ଯ୍ୟନ୍ତ ନିରପେକ୍ଷ ରହିବେ। ଅଶ୍ୱତ୍ଥାମା ମୋର ଅନୁଗତ, ତେଣୁ ଦ୍ରୋଣ ଓ କୃପାଚାର୍ଯ୍ୟ ଆମକୁ ବିରୋଧ କରିବେ ନାହିଁ। ଆଉ ରହିଲେ ବିଦୁର! ସେ ଖୋଲାଖୋଲି ଆମକୁ ବିରୋଧ କରିବେନାହିଁ। କାରଣ ତାଙ୍କର ଶକ୍ତିନାହିଁ। ସେ ଖାଲି ନୀତିନୀତି ହେବେ, କାମରେ ଶୂନ୍।

"ଗୋଟେ କାମ କରନ୍ତୁ। ସେମାନଙ୍କୁ 'ବାରୁଣାବତ'କୁ ପଠେଇଦିଅନ୍ତୁ। ସେମାନେ ସେଠି ରହିବେ। ଦେଖନ୍ତୁ ମୋର ଯାତନା ସହ୍ୟଶକ୍ତି ବାହାରେ। ମୁଁ ରାତିରେ ଶୋଇପାରୁନାହିଁ। ସେମାନେ ବାରୁଣାବତକୁ ଚାଲିଗଲେ, ଆମେ ଆମର ଦଳ ଗଠନ କରିପାରିବୁ। ସେମାନଙ୍କ ସପକ୍ଷରେ କହିବାକୁ କେହିନଥିବେ।" – ଦୁର୍ଯ୍ୟୋଧନ ଅତି ବିଚଳିତ ଜଣାପଡ଼ିଲେ। ଧୃତରାଷ୍ଟ୍ର ନୀରବ ରହିଲେ। କିଛି ଭାବିଲେ। ଇତିମଧ୍ୟରେ, ରାଜ୍ୟର କେତେକ ପ୍ରମୁଖ ରାଜନୈତିକ ବ୍ୟକ୍ତି ଦୁର୍ଯ୍ୟୋଧନଙ୍କ ପକ୍ଷରେ ଯୋଗଦେଲେ। ସେମାନଙ୍କର ନେତା ଥିଲେ ଶକୁନିର ମନ୍ତ୍ରୀ 'କାନିକ'। କାନିକ ଧୃତରାଷ୍ଟ୍ରଙ୍କୁ ପରାମର୍ଶଦେବା ଛଳରେ କହିଲେ, ହସ୍ତିନାପୁରର ରାଜାଙ୍କୁ ରାଷ୍ଟ୍ରନୀତି ବିଷୟରେ କହିବାକୁ ପଡୁଥିବାରୁ ମୁଁ ଦୁଃଖିତ। ରାଜା ଯେଉଁ ଯୋଜନା କରୁଛନ୍ତି ବା କରିବେ ତାକୁ ଗୋପନ ରଖିବେ। ଦୁଃଖର ସହିତ କହିବାକୁ ପଡୁଛି ଯେ ରାଜା ସବୁକିଛି ପ୍ରକାଶ କରିଦେଉଛନ୍ତି। ଯୋଜନା କାର୍ଯ୍ୟକାରୀ ହେବାପରେ, ପ୍ରଜାମାନେ ଜାଣିବା ଉଚିତ୍। ଦେଖନ୍ତୁ ମହାରାଜା! ପାଣ୍ଡବ ଭାଇମାନେ ଅତ୍ୟନ୍ତ ବଳଶାଳୀ। ସେମାନଙ୍କଠୁ ନିଜକୁ ଓ ନିଜର ପୁତ୍ରମାନଙ୍କୁ ରକ୍ଷା କରନ୍ତୁ!"

ଉପସ୍ଥିତ ଅନ୍ୟ ରାଜନୈତିକ ବ୍ୟକ୍ତିଗଣ କହିଲେ- ଉଚିତ୍ କଥା, ଉଚିତ୍ କଥା! **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଉତ୍ତର ନ ଥିବା ପ୍ରଶ୍ନ

*ସନ୍ତୋଷ କୁମାର ଅଦାବର*

ପ୍ରଶ୍ନ ପାଇଁ ପୁଣି ନ ଥାଏ ଉତ୍ତର
ଶୁଣିଲେ ଲାଗେ ବିସ୍ମୟ
ସକାରାତ୍ମକ ତା' ଉତ୍ତରଟି ହେଲେ
ମନ ହୁଏ ମଧୁମୟ
କହି ପାରିବୁ କି ଅନ୍ୟର ଦରବେ
ଏତେ ଲୋଭ କାହିଁ ପାଇଁ
ଯେତିକି ପାଇଛୁ ସେତିକିରେ ଖୁସି
ରହିକି ପାରିବୁ ନାହିଁ ?
ପର ଦୁଃଖ ଦେଖି ବୋଝରେ ନଳିତା
ପକାଉ ଥରକୁ ଥର
ଆହା ପଦଟିଏ କହିବାକୁ କେବେ
ସାହସ ନାହିଁ କି ତୋର ?
ପର ଖୁସି ଦେଖି ଈର୍ଷାରେ ଜଳି ତୁ
ନ ପାରୁ ଖୁସିରେ ରହି
ତା' ଖୁସିରେ ନିଜେ ସାମିଲ ତୁ ହୋଇ
ହସି କି ପାରିବୁ ନାହିଁ ?
ଏ ପ୍ରଶ୍ନରେ ଆଗେ ଉତ୍ତର ଆସଇ
ପରେ ଆସେ ମିଠା ପ୍ରଶ୍ନ
ଉଚିତ ମାର୍ଗରେ ସତ କର୍ମ କରିଲେ
ନିର୍ମଳ ହୁଅଇ ମନ।

*ସୁବର୍ଣ୍ଣପୁର*
*ମୋ-୯୭୭୭୯୧୦୭୨୮*





# ମାମୁଁ ଘର ଗାଆଁ

*ଧ୍ରୁବ ଚରଣ ବେହେରା*

ମାମୁଁଘର ଗାଆଁ ଲାଗେ ସୁନ୍ଦର
ସବୁଜିମା ଘେରା ଛଇ ତାହାର

ଦୂରେ ତାଳବଣ କହଇ କଥା
ଚିଲିକା ସୁନ୍ଦରୀ ଜଗତ ଜିତା

ବିହଙ୍ଗ କାକଳୀ ନିତି ଭାସଇ
ନାଆ ବାହି ଯାଏ ନାଉରୀ ଭାଇ

ଆଈ ଗପ ଲାଗେ ଭାରି ମଧୁର
ମାମୁଁ ମାଇଁ ସ୍ନେହ ବଡ ନିଜର

ଅଜା ପାନ ଖାଇ ପୁରାଣ ଗାଏ
ରାଗ ଚମ୍ପୁ ପଦ କେତେ ଶୁଣାଏ

ଦୋଳ ଦଶହରା ଫଗୁ ମେଳନ
ପାଇକ ଆଖଡା ଖେଳ ମିଳନ

ନଥାଉ ସେଠାରେ ଧନ ସଂପଦ
ପଲ୍ଲୀ ଠାରୁ କିଏ ଦେବ ଆମୋଦ

ଆମ ଘର ଅଛି ସହରେ ସିନା
ମାମୁଁ ଘର ଗାଆଁ ହୀରା ଓ ସୁନା

ବନ୍ଧୁ ଭାଇଚରା ଥାଏ ଗାଆଁରେ
ତା' ପଣତ ଛାଇ ସଭିଙ୍କୁ ହରେ

ଗାଆଁ ମାଟି କୋଳେ ଜନମ ଯା'ର
ତା' ସ୍ମୃତି ଜୀବନ୍ତ ସରଗପୁର।

*ଭାରତୀୟ ସାମରିକ ସେବା ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା*
*ମୋ-୮୩୨୮୯୩୦୫୫୪*

# ଅମୁଲ ମୁଲ ଅଟଇ ଫୁଲ

*ନିରଞ୍ଜନ ସାହୁ*



ଜାତିଜାତି ଫୁଲ ଫୁଟି
ଉପବନ ହସଇ
ଉଡ଼ିଉଡ଼ି ପ୍ରଜାପତି
କୁସୁମରେ ବସଇ
ଫୁଲରୁ ମହକ ଛୁଟେ
ଚଉଦିଗ ବାସଇ
ମଧୁ ସଂଗ୍ରହ ନିମିତ୍ତ
ଅଳି ଛୁଟି ଆସଇ

ନାନାଜାତି ରଙ୍ଗନେଇ
ଫୁଲ ଫୁଟେ ଯେମିତି
ସଭିଙ୍କର ମନ ସିଏ
ହରିନିଏ ସେମିତି
ଜଳେ ଫୁଲ ଫୁଟେ ପୁଣି
ସ୍ଥଳେ ଫୁଲ ଫୁଟଇ
ଥିରିଥିରି ପବନରେ
ସୁଗନ୍ଧ ତା ଛୁଟଇ
ଉପବନ କରିଥାଏ

ଜନମନ ହରଣ
ଫୁଲ ଦେଇ ପଶିଥାଉ
ପ୍ରଭୁ ପାଦେ ଶରଣ
ଜାତିଜାତି କୁସୁମରେ
ହାର ଗୁନ୍ଥା ହୁଅଇ
ପୂଜା, ସାଜସଜ୍ଜା ପାଇଁ
ମାଳି ନେଇ ଥୁଅଇ
ଫୁଲ କୋମଳ ଅଟଇ

ହୃଦୟ ତା ନରମ
ଖୁସି ପ୍ରଦାନ କରିବା
କୁସୁମର ଧରମ
ଶବାଧାର ସଜାଯାଏ
ଫୁଲ ହାର ନେଇକି
ଜାତୀୟ ପତାକା ବାନ୍ଧୁ
ତହିଁ ଫୁଲ ଦେଇକି
ପୁଷ୍ପଗୁଚ୍ଛ ଆବଶ୍ୟକ
ହେଲେ ସଭା ଯେଉଁଠି

ସମ୍ବର୍ଦ୍ଧନା ପାଇଁ ଖୋଜୁ
ପୁଷ୍ପଗୁଚ୍ଛ କେଉଁଠି ?
ଫୁଲଦାନୀ ଶୋଭାପାଏ
ଫୁଲ ତହିଁ ଭରିଲେ
ପୁଷ୍ପାଞ୍ଜଳି ଦିଆଯାଏ
ଫୁଲ ହାତେ ଧରିଲେ
ଯେତେ ପୂଜା, ଅଭିଷେକ
ଉତ୍ସବ କି ବରତ
ସବୁଥିରେ ଫୁଲ ଲୋଡ଼ା
ଏହି ସାରା ମରତ

ପ୍ରତିଦିନ ଫୁଲ ଫୁଟେ
ଫୁଲ ପୁଣି ଝଡଇ
ଯେଉଁ କାର୍ଯ୍ୟ କର ନିଶ୍ଚେ
ଫୁଲ ମନେ ପଡଇ
ଋତୁ ଅନୁଯାୟୀ ପୁଣି
ନାନା ଫୁଲ ଫୁଟିବ
ଫୁଲ ଆବଶ୍ୟକ ଯାହା
ନିଶ୍ଚେ ତାହା ତୁଟିବ
ବସନ୍ତରେ ସର୍ବାଧିକ
ଫୁଲ ହାଟ ବସିବ

ଋତୁରାଜ ସେଥିପାଇଁ
ମନ ଭରି ହସିବ
କେତେ ଫୁଲ ଖାଦ୍ୟ ହୁଏ
ଏ ମଣିଷ ଖାଆଇ
ଔଷଧୀୟ ଗୁଣ ପୁଣି
ସୁମନରେ ଥାଆଇ
ଫୁଲରୁ ଅତର ହୁଏ
ଲଭିଥାଏ ଆଦର
ଫୁଲ ନିଅନ୍ତି ସରବେ
ହୃଦେ ଭରି ସାଦର।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ପଖାଳ ଦିବସ



*ସୁରମା ମିଶ୍ର*

ଚଇତେ ଫୁଟଇ ମଲ୍ଲୀ
ଚଉଦିଗେ ତାର ବାସ ଚହଟାଇ
ହସୁଥାଏ ଖିଲି ଖିଲି ॥

ଆମ୍ବ ଗଛ ଡାଳେ ପିକ
କୁହୁ କୁହୁ ସ୍ୱରେ ଗୀତ ଗାଉଥାଏ
ମନେ ଭରଇ ପୁଲକ ॥

ବହେ ମଳୟ ପବନ
ଦେହେ ବୋଳିଦିଏ ବାସ ଚନ୍ଦନ ଲୋ
ଉଲ୍ଲସିତ ହୁଏ ମନ ॥

ଖରା ମାରେ ଚାଇଁ ଚାଇଁ
କେତେ ପଶୁ ପକ୍ଷୀ ପାଣି ଟୋପେ ପାଇଁ
ବୁଲନ୍ତି ବିକଳ ହୋଇ ॥

ବେଙ୍ଗ ପାଟି ପାକୁପାକୁ
ଭାରି ଭଲ ଲାଗେ ଖରା ମଉଳିଲେ
ନଈକୂଳେ ବୁଲିବାକୁ ॥

ନଈ ପାଣି ଉବୁଟୁବୁ
ମନ ଭରି ଥରେ ଗାଧୋଇ ପଡିଲେ
କ୍ଳାନ୍ତି ଦୂର ହୁଏ ସବୁ ॥

ପଖାଳ ତୋରାଣି କଂସା
ଗରୀବଙ୍କର ସେ ସାହା ଭରସା ଲୋ
ନୋହିଲେ ଉଡ଼ିବ ହଂସା ॥

ଥଣ୍ଡା ପାନୀୟର ମଜା
ପାଆନ୍ତି ସେମାନେ ପଖାଳ କଂସାରୁ
ଦେହ ହୋଇଯାଏ ତାଜା ॥

ଭୂଲିବ ନାହିଁରେ କେହି
ପଖାଳ କଂସାଟି ଆମ ଓଡ଼ିଆଙ୍କ
ଗରବ ପରା ରେ ଭାଇ ॥

ବଡ଼ି ଚୁରା ଶାଗ ଭଜା
ଶୁଖୁଆ ପୋଡାଟି ପଖାଳ ସାଙ୍ଗରେ
ଖାଇବାକୁ ଲାଗେ ମଜା ॥

ସେ ସ୍ୱାଦ ଯେ ପାଇଥିବ
ଭୁଲିବନି କେବେ ଭୁଲି ପାରିବନି
ସଦା ତା ମନରେ ଥିବ ॥


ଆଜି ପଖାଳ ଦିବସ
ଆସ ମିଳିମିଶି ଖାଇବା ପଖାଳ
ଆସରେ ସଭିଏଁ ଆସ ॥

*ବିଏଲ ୩୯, ଭିଏସଏସ ନଗର,*
*ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



# ଆମରି ସାଥୀ

*କୁନା ସେଠୀ*



ଆମେ କୁନି ପିଲା
କରୁ ଚଲାବୁଲା
ଗାଆଁର ଦାଣ୍ଡରେ କେତେ
ବାପ ଜେଜେ ଆମ
କରୁଥାନ୍ତି କାମ
ଆମ ହସ ପାଇଁ ଯେତେ

ଜେଜେ ମାଆ ଆମ
ସାରି ନିଜ କାମ
ଦଉଡି ତା ଗୋଡେ ବାନ୍ଧି
ଧରାଇ ଦିଅନ୍ତି
କଥାଏ କହନ୍ତି
ଖେଳୁଥିବୁ ଅନ୍ଦିକନ୍ଦି

ଜେଜେ ଓ ଜେଜେମା
ଅଜା ଆଈ ମାମା
ଯୋଗାନ୍ତି ଖେଳନା ମାନ
ସେହି ଖେଳନାରେ
ଗାଆଁର ଦାଣ୍ଡରେ
ଖେଳିବାର ଦେଉ ଧ୍ୟାନ

କଙ୍କଡାକୁ ଧରି
କେତେ ଘୁରି ଘୁରି
ଖେଳୁଥାଉ ଖେଳ ଆମେ
ସାଙ୍ଗ ସାଥି ସହ
ତାହା କଥା କହ
ବୁଲୁ ଏ ଧରାର ଧାମେ।

**କଙ୍କଡ଼ା**
ଦଶ ଗୋଡ଼ିଆ ସେ
ଖୁଡୁଖୁଡିଆ ସେ
ବଡ଼ ଦୁଇ ଗୋଡ଼ ଟେକି
କାମୁଡି ଦେବାକୁ
ଲୁଚି ପଡ଼ିବାକୁ
ରଖିଥାଏ ତାର ଆଖି

**ବେଙ୍ଗ**
ଫକଲ ଫକଲ
କେତେ ପଲ ପଲ
ବୁଲୁଥାନ୍ତି ଗାଆଁ ଦାଣ୍ଡେ
ବାଡିଟିଏ ଧରି
ହସି ହସି କରି
ଖେଳୁ ତା ସାଥିରେ ଦଣ୍ଡେ

ତାପରି ଡେଇଁଲେ
ତାପରି ଚାଲିଲେ
ଲାଗେ କେତେ ମଜା ସତେ
ବେଙ୍ଗ ଓ ବେଙ୍ଗୁଲି
ଆମ ସାଥେ ବୁଲି
ଲୁଚନ୍ତି କୋରଡେ ଯେତେ।

**କୁକୁର**
ଭୋଉ ଭୋଉ କରି
ବୁଲେ ଘିରି ଘିରି
ଖାଇବାକୁ ଏଣୁତେଣୁ
ଆମେ ସାଥି ମିଶି
ଧାଏଁ ହସି ହସି
ହୋଇ କେତେ ଗୁଣୁଗୁଣୁ

ଲାଙ୍ଗୁଡ଼ ହଲାଇ
ଜିଭକୁ ହଲାଇ
ଆମ ପାଖେ ଆସିଥାଏ
ବିସ୍କୁଟ କୁରକୁର
ଖାଏ ଆମ ଠାରୁ
ଖେଳି ଖେଳି ଧାଉଁ ଥାଏ।

**ବିଲେଇ**
ମିଆଁଉଁ ମିଆଁଉଁ
କରି କାଉଁ କାଉଁ
ଘର ଭିତରକୁ ପଶେ
ମାଛ ଗଡିଟିଏ
ଶୁଖୁଆ ଖଣ୍ଡିଏ
ଧରିକରି ଧୀରେ ଖସେ

ସାଙ୍ଗ ସାଥି ଦେଖି
ରଖୁ ତାଠି ଆଖି
ଗୋଡାଉ ତା ପଛେ ପଛେ
ଦଉଡି ଦଉଡି
ହୋଇ ଗୋଡ଼ାଗୋଡ଼ି
କୁଆଡେ ଯାଇ ସେ ଲୁଚେ।


*ଭୁତସରସିଙ୍ଗି, ପୁରୁଷୋତ୍ତମପୁର, ଗଞ୍ଜାମ*

# ବହୁ ଉପକାରୀ ପଣସ କଠା

*ପ୍ରଦୀପ୍ତ କୁମାର ଦାସ*



ବହୁ ଉପକାରୀ ପଣସ କଠା ଯେ
ସୁଆଦିଆ ପୁଷ୍ଟିକର –
ଥରଟେ ଖାଇଲେ ମଜା ତା ପାଇବ
ଖାଇବ ଅନେକ ଥର,
ସାଧାଖିଆ ଲୋକେ କରନ୍ତି ଆଦର
ତାକୁ ତ ମଟନ ପରି –
ପୋଷକ ତତ୍ତ୍ୱରେ ତାହା ଭରପୁର
ମଧୁମେହ ନିଏ ହରି,
ପଣସ କଠାର ରସା ହୋଇଥିଲେ
ଭୋଜି ମହ ମହ ବାସେ –
ପାଚିଲା ପଣସ ଦେଲା ମାତରେ
ପାଟିରେ ତ ଲାଳ ଆସେ,



ରୋଗ ପ୍ରତିରୋଧ ଶକତିରେ ଭରା
କଞ୍ଚା ପଣସଟି ଜାଣ –
ତା କ୍ୟାଲ୍‌ସିୟମ୍ ମ୍ୟାଗ୍ନେସିୟମ୍
ହାଡ଼କୁ କରଇ ଟାଣ,
ଶର୍କରା ସ୍ତରକୁ ନିୟନ୍ତ୍ରଣେ ରଖି
କରେ ବହୁ ଉପକାର –
ଅଳପ କ୍ୟାଲୋରୀ ଥିବାରୁ ତା ଠାରେ
କମାଏ ଓଜନ ଭାର,
ଅନେକ ସମୟ ଭୋକ ରୋକିବାରେ
ହୋଇଥାଏ ସହାୟକ –
ଖାଇବା ଲୋକଙ୍କ ପାଇଁ ସାଜିଥାଏ
ସୁଖ ନିଦ୍ରା ପ୍ରଦାୟକ।

*କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର*
*ମୋ- ୮୫୯୪୮୮୫୮୯୮*

# ଶୀତ ଲୁଚିଲାଣି ଧିରେ



*ଝରଣା ବାରିକ*

ଶୀତ ଲୁଚିଲାଣି ପାହାଡ଼ ଉହାଡେ
ଖରା ବଢେ ଧିରେ ଧିରେ,
ଫଗୁଣ ବସିଛି ପସରା ମେଲେଇ
ଶୁଖିଲା ପତର ଝରେ।

ଫୁଲ ପସରା ରେ ନିଜକୁ ସଜେଇ
ପଳାଶ ଫୁଲେଇ ହୁଏ,
ବାସ୍ନା ନାହିଁ ବୋଲି ପାଏନା ଆଦର
ମନ ମାରି ବସିଥାଏ।

କୋଇଲି ଗାଉଛି କୁହୁକୁହୁ ତାନେ
ମଧୁର ଲାଗେ ତା ସୁର,
ନଈ ପୋଖରୀ ଟା ଶୁଖି ଆସିଲାଣି
ତଳକୁ ଗଲାଣି ନୀର।

ଗରମ ଦିନକୁ ଥଣ୍ଡା ସରବତ
ରାଜୁତି କଲାଣି ଆସି,
ମନ ଟାଣି ଲାଣି ପିଇବା ପାଇଁ କି
କରୁଣା ଭାଇଙ୍କ ଲସି।

ଟାଇଁ ଟାଇଁ ଖରା ମାରିଦିଏ ସିନା
ବସନ୍ତ ମଳୟ ବହେ,
ଫଗୁଣ ସରିନି ବସନ୍ତ ଫେରିନି
ଫୁଲ କାନେ ଯାଇ କହେ।

ଫୁଲ ଫଗୁଣ ର ମିଳନ ଯେଉଁଠି
ବସନ୍ତ ବୋଲାଏ ରାଜା,
ଚଇତି ପବନେ ଶୀତଳ ପରଶ
ବୈଶାଖ ଦିଅଇ ସଜା।

*ସମଲ, ତାଳଚେର, ଅନୁଗୁଳ*
*ମୋ-୯୫୫୬୮୪୬୯୩୨*



# କାଉ ଆଉ କୋଇଲି

*ପ୍ରଦ୍ୟୁମ୍ନ ପଟ୍ଟନାୟକ*

କାଉ ଆଉ କୋଇଲି ଦୁହିଁଙ୍କର ରଙ୍ଗ କଳା। ରଙ୍ଗ ଏକା ହେଲେବି ଦୁହିଁଙ୍କର ରାବ ଅଲଗା, ଗୁଣ ଅଲଗା। କୋଇଲିର ଲାଜକୁଳା ସ୍ୱଭାବ ପତ୍ର ଗହଳିରେ ଥାଇ ମିଠା ମିଠା ସ୍ୱରରେ କୁହୁ କୁହୁ କରେ। ସେ ପୁଣି ବର୍ଷ ସାରା ନୁହଁ କେବଳ ବସନ୍ତ ଋତୁରେ। ତା ମଧୁର ସ୍ୱନ ସମସ୍ତଙ୍କୁ ଭଲ ଲାଗେ। ସମସ୍ତଙ୍କ ମନ ମୋହିନିଏ।

କାଉର ରାବ କିନ୍ତୁ ଭାରି କର୍କଶ। ସେ ଦିନ ସାରା କା କା କରି ରାଉ ରାଉ ହେଉଥାଏ। ମିନିର କିନ୍ତୁ ଦୁଇ ଜଣ ଯାକ ସାଙ୍ଗ। ସକାଳୁ କାଉ କା କା କରି ଆସି ଘର ଛାତ କିମ୍ବା ବାରଣ୍ଡାରେ ବସିଲେ ମିନି ତାକୁ ଖୁଦ, ଚାଉଳ ଖଇ, ମୁଡ଼ି ଆଦି ଖାଇବାକୁ ଦିଏ। ସେମିତି କୋଇଲି କୁହୁତାନ କଲେ ମିନି ତାକୁ ନକଲ କରୁଥାଏ। ମିନି ଦିନେ କାଉ ଏବଂ କୋଇଲିଙ୍କୁ ଡ଼ାକି କହିଲା, ଆଗକୁ ମୋ ପରୀକ୍ଷା ତୁମେ ଦୁଇଜଣ ଆଉ ରାବି ରାବି ମୋତେ ଚଗଲା କରନାହିଁ। ମୁଁ ପାହାନ୍ତାରୁ ଉଠି ପାଠ ପଢ଼ିବା ପାଇଁ ଚାହୁଁଛି। ତୁମ ଦୁଇଜଣଙ୍କ ଭିତରୁ ମୋତେ ଯିଏ ଆଗ ଡାକିକରି ନିଦରୁ ଉଠାଇଦେବ ସେ ହିଁ ମୋର ବଡ଼ ସାଙ୍ଗ ରୂପେ ଗଣା ହେବ।

କାଉ ଓ କୋଇଲି ଭାବୁଥାନ୍ତି ମିନିକୁ କେମିତ ଆଗ ନିଦରୁ ଉଠାଇ ଦେବେ। କାଉର ନିଦ ରାତି ଅଧରେ ଭାଙ୍ଗି ଗଲା। ସେ କିନ୍ତୁ ରାବି ପାରୁ ନଥାଏ। ତା'ର ତ ସକାଳ ହେଲେ ରାବିବା ଅଭ୍ୟାସ, ସିଏ ପୁଣି ରାତି ଅନ୍ଧାରରୁ ରାବିବ କେମିତି ? ତେଣୁ ସେ ଆଉ ଘଡ଼ିଏ ଶୋଇଗଲା ସକାଳ ହେବା ଯାଏ।

କୋଇଲିର ନିଦ ଭାଙ୍ଗିଲା ବେଳକୁ ଅନ୍ଧାରିଆ ହୋଇଥାଏ। ସେ କେତେବେଳେ କୁହୁ ତାନ କରିବ ତା'ର ଧରା ବନ୍ଧା ନିୟମ ନାହିଁ। ତେଣୁ ତା' ଆଖି ଖୋଲିବା ମାତ୍ରେ କୁହୁତାନ କରି ଚାରିଆଡ କମ୍ପାଇ ଦେଲା। ତା' ରାବ ଶୁଣି ମିନିର ନିଦ ଭାଙ୍ଗିଗଲା। ସିଏ ମୁହଁ ଆଖି ଧୋଇ ପଢି ବସିଲା। କାଉ କା କା କରି ଆସି ସଜନା ଗଛରେ ବସି ଦେଖିଲା କେତେ ବେଳରୁ ମିନି ପଢି ବସିଲାଣି। କାଉ ଭାବିଲା ବୋଧେ କୋଇଲି ବାଜି ମାରି ନେଲା। ତଥାପି ମିନିକୁ ପଚାରିଲେ ଜଣାଯିବ କିଏ ଆଗ ତାକୁ ଉଠାଇଛି।

କାଉ ଏବଂ କୋଇଲି ମିନି ପାଖକୁ ଆସିଲେ। ସେ କାହା ରାବ ଶୁଣି ଉଠିଛି ପଚାରିବାରୁ ମିନି କହିଲା, ଅନ୍ଧାର ଥିବା ବେଳୁ ପରା ମୁଁ କୋଇଲିର କୁହୁ ରାବ ଶୁଣି ଉଠି ପାଠ ପଢୁଛି। ସିଏ ବାଜି ଜିତିଗଲା। ଏକଥା ଶୁଣି କାଉ ରାଗି ଯାଇ କା କା କରି ଉଡ଼ିଗଲା।


*ଫ୍ଲାଟ୍ ନମ୍ବର-୧୦୧, ପ୍ରକାଶ ଦୀପ ଟାୱାର୍ ଜୟ ଦୁର୍ଗା ନଗର,*
*ଭୁବନେଶ୍ୱର-୭୫୧୦୦୬*
*ମୋ-୯୯୬୮୨୮୦୮୯୬*

ଭୁବନେଶ୍ୱର
୨୦ ମାର୍ଚ୍ଚ,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ରତ୍ନଭଣ୍ଡାର ଚାବି ହଜିବା ମାମଲା

# ସତ୍ୟପାଠକୁ ନେଇ ଦ୍ୱନ୍ଦ୍ୱ, ସ୍ପଷ୍ଟୀକରଣ ମାଗିଲେ ହାଇକୋର୍ଟ



**ଭୁବନେଶ୍ୱର,୧୯।୦୩ ନ୍ୟୁଜ୍‌ବ୍ୟୁରୋ**

ରତ୍ନଭଣ୍ଡାର ଚାବି ହଜିବା ଏବଂ କମିଶନଙ୍କ ରିପୋର୍ଟ ସାର୍ବଜନୀନ ପ୍ରସଙ୍ଗରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଦୁଇ ଦୁଇଟି ପୃଥକ ସତ୍ୟପାଠକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବାରୁ ଓଡ଼ିଶା ହାଇକୋର୍ଟ ସ୍ପଷ୍ଟୀକରଣ ମାଗିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ହାଇକୋର୍ଟରେ ଦାଖଲ ହୋଇଥିବା ୨୦୨୪ ଜାନୁଆରୀ ୨୯ ସତ୍ୟପାଠରେ ରିପୋର୍ଟ ସାର୍ବଜନୀନ ନ କରିବାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି ୨୦୨୪ ଏପ୍ରିଲ ୪ ସତ୍ୟପାଠରେ ସାର୍ବଜନୀନ କରିବାକୁ ସରକାର ରାଜି ବୋଲି କୁହାଯାଇଛି। ତେଣୁ ଉଭୟ ସତ୍ୟପାଠ ଉପରେ ଓଡ଼ିଶା ହାଇକୋର୍ଟ ସ୍ପଷ୍ଟୀକରଣ ମାଗିଛନ୍ତି। ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୁହାଯାଇଛି।

# ୫୮ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ସରକାରଙ୍କ ନୀତିଗତ ନିଷ୍ପତ୍ତି

**ଭୁବନେଶ୍ୱର, ୧୯।୦୩:ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କ ନୂତନ ଶୀତଳ ଭଣ୍ଡାର ନୀତି ଅନୁସାରେ ଉଦ୍ୟୋଗୀମାନେ ଉପଖଣ୍ଡ ତଥା ବ୍ଲକସ୍ତରରେ ଶତୀଳ ଭଣ୍ଡାର ପ୍ରତିଷ୍ଠା କରିପାରିବେ। ଯାଜପୁର ଭଳି ଗୋଟିଏ ସବ୍-ଡିଭିଜନ ଥିବା ଜିଲ୍ଲାରେ ଏକାଧିକ ଶୀତଳ ଭଣ୍ଡାର ପାଇଁ ଉଦ୍ୟୋଗୀମାନଙ୍କ ପ୍ରସ୍ତାବ ଆସିଲେ ତାକୁ ବିଚାରକୁ ନିଆଯିବ ବୋଲି ବୁଧବାର ବିଧାନସଭାରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀଙ୍କ ପକ୍ଷରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି। ଶାସକ ଦଳ ବିଧାୟକ ଅମର କୁମାର ନାୟକଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାରଙ୍କ ନୂତନ ନୀତି ଅନୁସାରେ ସବ୍-ଡିଭିଜନକୁ ବାଦ୍ ଦେଇ ବ୍ଲକ ଅଞ୍ଚଳରେ ଶୀତଳ ଭଣ୍ଡାର ନିର୍ମାଣ କରାଯାଇ ପାରିବ। ଏଥିପାଇଁ ପ୍ରସ୍ତାବ ଆସିଲେ ତା' ଉପରେ ବିଚାର କରାଯିବ। ମନ୍ତ୍ରୀ କହିଥିଲେ ରାଜ୍ୟର ସବୁ ଅଞ୍ଚଳରେ ଉତ୍ପାଦନ ହେଉଥିବା ପନିପରିବା ଓ ଫଳକୁ ସଂରକ୍ଷିତ ରଖିବା ଲାଗି ଏବଂ ଏହି ସଂରକ୍ଷଣ ପରିମାଣ ବଢାଇବା ଲାଗି ସବ୍-ଡିଭିଜନସ୍ତରରେ ୫୮ଟି



ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ପିପିପି ମୋଡ଼ରେ ସବ୍-ଡିଭିଜନକୁ ବାଦ୍ ଦେଇ ବ୍ଲକ ଅଞ୍ଚଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆସିଲେ ତାହାକୁ ଅଗ୍ରାଧିକାର ଭିତ୍ତିରେ ବିଚାର କରି ସେ ଦିଗରେ ପଦକ୍ଷେପ ନିଆଯିବ ଏବଂ ସରକାରଙ୍କ ଘୋଷିତ ନୀତି ଅନୁସାରେ ଉଦ୍ୟୋଗୀମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ।

# ଟ୍ରମ୍ପଙ୍କୁ ଘଣ୍ଟାଏ ଅପେକ୍ଷା କରାଇଲେ ପୁଟିନ

**ମସ୍କୋ, ୧୯।୦୩**

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସ୍ୱଭାବ ସମସ୍ତଙ୍କୁ ଉଣାଅଧିକେ ଜଣା। ପୁଟିନଙ୍କ ସ୍ୱଭାବଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ସେ ଯାହାକୁ ପସନ୍ଦ କରନ୍ତି ନାହିଁ ତାଙ୍କୁ ସାକ୍ଷାତ କରିବା ପୂର୍ବରୁ ଘଣ୍ଟା ଘଣ୍ଟା ଅପେକ୍ଷା କରାଇଥାଆନ୍ତି। ଏହି ତାଲିକାରେ ଅନେକ ନେତାଙ୍କ ନାମ ରହିଛି। ତେବେ ସେଥିରେ ଯୋଡ଼ି ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏକ ଅନ୍ତର୍ଜାତୀୟସ୍ତରର ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଟ୍ରମ୍ପ ଆଲୋଚନା ପାଇଁ ପୁଟିନଙ୍କୁ ଫୋନ୍ କରିଥିଲେ। ହେଲେ ପୁଟିନଙ୍କ ସହିତ କଥା ହେବା ଲାଗି ତାଙ୍କୁ ଘଣ୍ଟାଏ ଅପେକ୍ଷା କରିବାକୁ ପଡ଼ିଥିଲା। ସୂଚନା ଅନୁସାରେ, ରୁଷ୍-ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ଲାଗି ଆଲୋଚନା ପାଇଁ ଟେଲିଫୋନ୍ ଜରିଆରେ କଥା ହେବା ପାଇଁ ଟ୍ରମ୍ପ ରୁଷ୍ ରାଷ୍ଟ୍ରପତି ପୁଟିନଙ୍କ କାର୍ଯ୍ୟାଳୟକୁ ଫୋନ୍ କରିଥିଲେ। ହେଲେ ପୁଟିନ ଟ୍ରମ୍ପଙ୍କ ସହିତ କଥା ହେଲା ଲାଗି ତାଙ୍କୁ ୧ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରାଇଥିଲେ। ରିପୋର୍ଟ ଅନୁସାରେ, ପୁଟିନ ସନ୍ଧ୍ୟା ୫ଟାରେ କ୍ରେମଲିନରେ ପହଞ୍ଚିଥିଲେ। ଟ୍ରମ୍ପଙ୍କ ଫୋନ୍ ଆସିବାର ଧାର୍ଯ୍ୟ ସମୟର ୧ ଘଣ୍ଟା ପରେ ସେ କ୍ରେମଲିନରେ ପହଞ୍ଚିଥିଲେ। ଏହା ପରେ ଦୁଇ ନେତାଙ୍କ ମଧ୍ୟରେ ପ୍ରାୟ ୯୦ ମିନିଟ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଆଲୋଚନା ପରେ ପୁଟିନଙ୍କ କାର୍ଯ୍ୟାଳୟ କ୍ରେମଲିନ ପକ୍ଷରୁ କୁହାଯାଇଛି ଯେ, ପୁଟିନ ୟୁକ୍ରେନର ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକ ଉପରେ ୩୦ ଦିନ ପର୍ଯ୍ୟନ୍ତ ଆକ୍ରମଣ ନ କରିବା ଲାଗି ସହମତି ଜଣାଇଛନ୍ତି। ସୂଚନାଯୋଗ୍ୟ, ପୁଟିନ କୌଣସି ରାଷ୍ଟ୍ରର ମୁଖ୍ୟଙ୍କୁ ଆଲୋଚନା କିମ୍ବା ବୈଠକ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରାଇବା ନୂଆ କଥା ନୁହେଁ। ୨୦୧୪ରେ ପୁଟିନ ଜର୍ମାନୀ ଚାନସେଲର ଆଞ୍ଜେଲା ମର୍କେଲଙ୍କୁ ୪ ଘଣ୍ଟା ଅପେକ୍ଷା କରାଇଥିଲେ। ଏହି ବୈଠକର ପ୍ରସଙ୍ଗ ମଧ୍ୟ ୟୁକ୍ରେନ ଥିଲା।

# ଦିନ ସରେ... ଅଥଚ କଥା ରହିଯାଏ। 'କଥା କଳିକା'ର ୧୧ତମ ଜନ୍ମୋତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭା








କଥାକଳିକା ଗଳ୍ପ ପ୍ରୋତ୍ସାହନ ପୁରସ୍କାର ପ୍ରାପକ (୬ କଥାକାର) ସୀମାଞ୍ଚଳ ଦାଶ, ନମିତା ଦାଶ, ଅମ୍ବିକା ସ୍ୱାଇଁ, ବିନୋଦିନୀ ଗନ୍ତାୟତଙ୍କ ପକ୍ଷରୁ (ସ୍ୱାମୀ), ମୋନିକା ସରକାର, କବିତା ମିଶ୍ର।



କଥାକଳିକା ସହଯୋଗୀ ସମ୍ମାନ (ଅଳଙ୍କରଣ)ଜ୍ୟୋତିପ୍ରକାଶ ପତି।

# ନାଲ୍‌କୋ ପକ୍ଷରୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ୧୦.୧୦ କୋଟି ଟଙ୍କାର ସହାୟତା ପ୍ରଦାନ

**କୋରାପୁଟ/ଭୁବନେଶ୍ୱର, ୧୯।୦୩:ନ୍ୟୁଜ୍‌ବ୍ୟୁରୋ**

ଭାରତ ସରକାରଙ୍କ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ସିଏସଆର କାର୍ଯ୍ୟକ୍ରମ ଅଂଶବିଶେଷ ଭାବେ ଏବଂ ନିରନ୍ତର ବିକାଶ ପ୍ରତି ପ୍ରତିବଦ୍ଧତାର ଅଂଶସ୍ୱରୂପ, କୋରାପୁଟର ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ୧୦ କୋଟି ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲଙ୍କ ସହ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ ଆଣ୍ଡ ଏ) ଆଶୁତୋଷ ରଥ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କୁ ଭେଟି ଏହି ଚେକ୍ ବୁଧବାର ପ୍ରଦାନ କରିଛନ୍ତି। ଏହି ଅବସରରେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲର ଅଧୀକ୍ଷକ ତଥା ଡିନ୍‌ଏବଂ ପ୍ରିନ୍ସିପାଲ ପ୍ରଫେସର (ଡକ୍ଟର) ସୁଶାନ୍ତ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ।




ନାଲ୍‌କୋର ସିଏସଆର ଶାଖା 'ନାଲ୍‌କୋ ଫାଉଣ୍ଡେସନ' ମାଧ୍ୟମରେ ପ୍ରଦାନ କରାଯାଇଥିବା ଏହି ଅର୍ଥ ରାଶି ହସ୍ପିଟାଲର ବିଭିନ୍ନ ବିଭାଗରେ ରୋଗୀସେବାକୁ ଉନ୍ନତ କରିବା ପାଇଁ ଅତ୍ୟାବଶ୍ୟକ ସୁବିଧା ଏବଂ ଉନ୍ନତ ଚିକିତ୍ସା ଉପକରଣ କ୍ରୟ ସହ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ନିମନ୍ତେ ବ୍ୟବହୃତ ହେବ। ଉଲ୍ଲେଖଯୋଗ୍ୟ ଯେ, ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ କୋରାପୁଟ ଜିଲ୍ଲାର ଅଧିବାସୀଙ୍କୁ ବିଶେଷକରି ଆଦିବାସୀ ସମ୍ପ୍ରଦାୟକୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ନାଲ୍‌କୋର ଆର୍ଥିକ ସହାୟତା ହସ୍ପିଟାଲର କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧିକରିବା ସହ ସମଗ୍ର ଜିଲ୍ଲା ତଥା ପରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଆବଶ୍ୟକୀୟ ସୁବିଧା ସୁଯୋଗ କ୍ଷେତ୍ରରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ ଯେ, କମ୍ପାନୀ ନିଜର ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ କୋରାପୁଟ ଅଞ୍ଚଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ଯୋଗାଇ ଦେଇଆସୁଛି। ନାଲ୍‌କୋ ପକ୍ଷରୁ କୋରାପୁଟର ଦାମନଯୋଡ଼ି ଅଞ୍ଚଳରେ ରହିଥିବା ନିଜର ଖଣି ଓ ପରିଶୋଧନ ପ୍ରକଳ୍ପର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନିରନ୍ତର ମୋବାଇଲ ସ୍ୱାସ୍ଥ୍ୟ ସେବା ୟୁନିଟ୍ ମାଧ୍ୟମରେ ୧୬୩ରୁ ଉର୍ଦ୍ଧ୍ୱ ଅପହଞ୍ଚ ପାର୍ଶ୍ୱବର୍ତ୍ତୀ ଗ୍ରାମ ଏବଂ ସଂଲଗ୍ନ ଗ୍ରାମକୁ ମୌଳିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିଆସୁଛି। ଏହା ବ୍ୟତୀତ ପଟାଙ୍ଗି ଅଞ୍ଚଳରେ ମଧ୍ୟ ୪୮ରୁ ଅଧିକ ଗ୍ରାମର ବାସିନ୍ଦାଙ୍କୁ ଏହି ସେବା ଯୋଗାଇ ଦିଆଯାଉଛି।

# ଲଘୁ ଖଣିଜ ଚୋରା କାରବାର ଉପରେ ବଡ଼ ଧରଣର ଚଢ଼ଉ : ୩୮ ଗାଡ଼ି ଜବତ

**ଭୁବନେଶ୍ୱର, ୧୯।୦୩:ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଲଘୁ ଖଣିଜ ଚୋରା କାରବାର ଉପରେ ବଡ଼ ଧରଣର ଚଢ଼ଉ ହୋଇଛି। ଆଦର୍ଶ ଥାନା ଅନ୍ତର୍ଗତ ସରଧାପୁରରେ ଚାଲିଥିବା ଖଣିରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଚଢ଼ଉ କରିଛି। ପାୱାର ଟିଲାର, ଜେସିବି, ଟ୍ରକ୍, ଟ୍ରାକ୍ଟର, ବାଇକ୍ ସମେତ ମୋଟ ୩୮ରୁ ଉର୍ଦ୍ଧ୍ୱ ଗାଡ଼ି ଜବତ କରିଛି ଟିମ୍। ଏହି ଘଟଣାରେ ୬ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ୨୫ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଜିଲ୍ଲାରେ ସବୁକିଛି ଚାଲିଛି ଚୋରାରେ। ବିଶେଷ କରି ମାଙ୍କଡା ପଥରର ଚାଲିଛି ଚୋରା ଚାଲାଣ। ବହୁବର୍ଷ ଧରି ଏଭଳି ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ କରି ମାଫିଆଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ଏବଂ ରାଜନେତା ମାଲାମାଲ୍ ହେଉଛନ୍ତି। ଏଭଳି ଚଢ଼ଉ ଖୋର୍ଦ୍ଧା ଜିଲ୍ଲାରେ ପୂର୍ବରୁ ବହୁବାର ହୋଇଛି। ରାଜ୍ୟ ସରକାର ଚୋରା ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ଉପରେ ରୋକ୍ ଲଗାଇବାକୁ ନିର୍ଦ୍ଦିଷ୍ଟ ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ଏମିତି ଚାଲିଥିବ ଏବଂ ନାମକୁ ମାତ୍ର ଚଢ଼ଉ କରି ପୋଲିସ ଅଧିକାରୀ ସାବାସି ନେଉଥିବେ ବୋଲି ଲୋକେ ଅଭିଯୋଗ କରିଛନ୍ତି ବୁଦ୍ଧିଜୀବୀ।

# କମିଶନରେଟ ପୋଲିସ ଜାଲରେ ନିଶା ମାଫିଆ ଗ୍ୟାଙ୍ଗ

**ଭୁବନେଶ୍ୱର, ୧୯।୦୩ ନ୍ୟୁଜ୍‌ବ୍ୟୁରୋ**

କମିଶନରେଟ ପୋଲିସ ଜାଲରେ ନିଶା ମାଫିଆ ଗ୍ୟାଙ୍ଗ। ମୈତ୍ରୀବିହାର ଥାନା ହାତିଆଶୁଣି ପାଣି ଟାଙ୍କି ନିକଟରେ ବ୍ରାଉନ ସୁଗାର କାରବାର ବେଳେ ମାଡି ବସିଲା ସ୍ପେଶାଲ ସ୍କ୍ୱାଡ୍। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ ବେଳେ ୨୭୦ ଗ୍ରାମ୍ ବ୍ରାଉନ ସୁଗାର ଜବତ କରା ଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ। ୫ ନିଶା ମାଫିଆଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମୁନା ସେଠୀ, ରେକା ପଟ୍ଟନାୟକ, ସୁବ୍ରତ ରାଉତ, ସୁବ୍ରତ ପଟ୍ଟନାୟକ ଓ ଟିଙ୍କୁ ମହାନ୍ତ। ସେମାନଙ୍କ ଠାରୁ ଏକ ମାରୁତି ସୁଜୁକି କାର୍, ଗୋଟିଏ ସ୍କୁଟି, ୪ଟି ମୋବାଇଲ ଓ ୧୪ ହଜାର ୫ ଶହ ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତ ମୁନା ନାଁରେ ଖଣ୍ଡଗିରି, ନୟାପଲ୍ଲୀ, ଚନ୍ଦକା ଥାନାରେ ୧୭ ଟି ମାମଲା ଥିବା ଜଣାପଡ଼ିଛି। ସାଲିଆ ସାହି ଅଞ୍ଚଳରେ ଏହି ଧଳାଜହର କାରବାର ନେଇ ଯୋଜନା ଚାଲିଥିବା ବେଳେ ଅଭିଯୁକ୍ତଙ୍କୁ କାବୁ କରିବା ସହ ନିଶାଦ୍ରବ୍ୟ ଜବତ କରିଥିଲା କମିଶନରେଟ ପୋଲିସ। ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ସୂଚନା ଦେଇଛନ୍ତି ପୋଲିସ କମିଶନର।

## ରାସନ କାର୍ଡ ଫେରାଇଲେଣି ୨୩୧୩୮ ଅଯୋଗ୍ୟ ହିତାଧିକାରୀ

**ଭୁବନେଶ୍ୱର, ୧୯।୦୩:ନ୍ୟୁଜ୍‌ବ୍ୟୁରୋ**

ରାସନ କାର୍ଡ ଫେରାଇଲେଣି ୨୩,୧୩୮ ଅଯୋଗ୍ୟ ହିତାଧିକାରୀ। ଏନେଇ ବିଧାନ ସଭାରେ ଲିଖିତ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ରାସନ କାର୍ଡ ଫେରାଇ ଥିବା ପରିବାର ସଂଖ୍ୟା ୮୭,୮୪୪। ୪,୦୮,୧୦୭ ଭୂତ କାର୍ଡକୁ ବାଦ ଦିଆଯାଇଛି। ଏବେ ଖାଦ୍ୟ ସୁରକ୍ଷା ଯୋଜନାରେ ୯୭,୫୫,୪୪୨ କାର୍ଡରେ ୩,୩୦,୨୮,୮୮୦ ହିତାଧିକାରୀ ରହିଛନ୍ତି।


DSPL-427

# ଟୀକାକରଣ

ଠିକ୍ ସମୟରେ ସଠିକ୍ ଟୀକାଦେଇ ଆପଣଙ୍କ ଶିଶୁକୁ ସୁରକ୍ଷିତ ରଖନ୍ତୁ।

**୫ ବର୍ଷରେ ୭ ଥର**

ଟୀକା ନେବାକୁ ଭୁଲନ୍ତୁ ନାହିଁ କୌଣସି ଥର




## ଟୀକାକରଣ ସୂଚୀ

| ବୟସ | ଟୀକା |
|---|---|
| ଜନ୍ମ ସମୟରେ | ବିସିଜି, ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧, ପେଣ୍ଟାଭାଲେଣ୍ଟ-୧, ଏଫଆଇପିଭି-୧, ଆରଭିଭି-୧, ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨, ପେଣ୍ଟାଭାଲେଣ୍ଟ-୨, ଆରଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩, ଏଫଆଇପିଭି-୨, ଆରଭିଭି-୩, ପିସିଭି-୨ |
| ୯-୧୨ ମାସ | ଏମ୍ଆର୍-୧, ଭିଟାମିନ୍-କ***, ପିସିଭି ବୁଷ୍ଟର, ଜେଇ-୧** ଏଫଆଇପିଭି-୩ |
| ୧୬-୨୪ ମାସ | ଏମ୍ଆର୍-୨, ଭିଟାମିନ୍-କ***, ଡିପିଟି ବୁଷ୍ଟର-୧, ଓପିଭି ବୁଷ୍ଟର-୧, ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟୀକାର ଦୁଇଟି ମାତ୍ରା ନେଇଥିବେ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-କ, ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ ମାସ ବ୍ୟବଧାନରେ ଦିଆଯାଏ।

ଆପଣଙ୍କ ଶିଶୁ ନେଉଥିବା ଟୀକା ଗୁଡିକ ୟୁ-ୱିନ୍ ପୋର୍ଟାଲରେ ଅପ୍‌ଡେଟ୍ କରନ୍ତୁ।

OIPR-10003/13/0135/2425

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

ବୁଦ୍ଧିମାନ ହୁଅନ୍ତୁ! ଟୀକାକରଣ ନିଶ୍ଚୟ କରାନ୍ତୁ!

facebook.com/HFWOdisha http://www.health.odisha.gov.in/ @HFWOdisha

NATIONAL HEALTH MISSION